ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ଆବାସ ଯୋଜନା କାର୍ଯ୍ୟ ସ୍ଥିତି ପରଖିଲେ ବିଡିଓ

**ଛତିଆ,୨ା୧୧(ସୌମ୍ୟ ରଞ୍ଜନ ସାହୁ)**

ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ ଗୁରୁବାର ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇ ଆବାସ ଯୋଜନା କାର୍ଯ୍ୟର ସ୍ଥିତି ପରଖିଛନ୍ତି। ସେ ସମିଆଁ ପଞ୍ଚାୟତ ବୁଲି ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜୁଲାଇରେ ହିତାଧିକାରୀଙ୍କୁ ଆକାଉଣ୍ଟ ଜରିଆରେ ପ୍ରଥମ କିସ୍ତି ବାବଦାକୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର କେତେଜଣ ଟଙ୍କା ପାଇଥିଲେ ମଧ୍ୟ କାମ ଆରମ୍ଭ କରିନାହାନ୍ତି। ବିଡିଓ ସେମାନଙ୍କ ନିକଟକୁ ଯାଇ ତୁରନ୍ତ କାମ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ସୋମବାର ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇ ନ ଥିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ବିଡିଓଙ୍କ ଏହି ପରିଦର୍ଶନ ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

**ଯାଜପୁରରୋଡ୍, ୨ା୧୧(ପବିତ୍ର ରଞ୍ଜନ ମହାନ୍ତି):**



ବ୍ୟାସନଗରସ୍ଥିତ ବାରମଣିପୁର ଗ୍ରାମର ଶିକ୍ଷାବିତ ଧରଣୀଧର ରାଉତ(୭୫)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ବ୍ୟାସନଗର ପୌରପରିଷଦର ଚୋରଦାସ୍ଥିତ ବ୍ୟାସନଗର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନଶିକ୍ଷକ ଭାବେ ଶିକ୍ଷାଦାନ କରି ଅବସରଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ, ପରୋପକାରୀ, ସଂସ୍କୃତି ସମ୍ପନ୍ନ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ କାଉନସିଲର ଅଶୋକ ରାଉତ, ନିରଞ୍ଜନ ମଲ୍ଲିକ ଓ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ରାଜନୈତିକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନାତି ଦିବ୍ୟପ୍ରକାଶ ମୁଖାଗ୍ନି ଦେଇଛନ୍ତି।

### ଟ୍ରକ୍ ପଛରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

**କୁଳିଅଣା,୨ା୧୧(ଆଦିକନ୍ଦ ସାହୁ)**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର କାଠସିରିଶି କେନାଲ ଛକ ନିକଟରେ ଏକ ଟ୍ରକ୍ ପଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜାମଶୋଳା ନିକଟ କୁଆଁରଡିହି ନୂଆଗାଁ ଅଞ୍ଚଳର ସାହେବ ମାଝି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୪୭/୨୩) ରୁଜୁ ହୋଇଛି।

# ଚିରସ୍ରୋତା ହେବ ଖରସ୍ରୋତା

- ମୂଳ ଖରସ୍ରୋତା ଉପର ମୁଣ୍ଡରେ ସ୍ଲୁଇସ୍ ଗେଟ ନିର୍ମାଣ ଆଶା ଉଜ୍ଜ୍ୱଳ
- ୮ କୋଟି ଟଙ୍କା ବ୍ୟୟରେ ହେବ କାର୍ଯ୍ୟ
- କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ

**ରସୁଲପୁର,୨ା୧୧(ରଞ୍ଜିତ ରାଉତ):**



ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତଠାରୁ ରସୁଲପୁର ପଞ୍ଚାୟତର ଖଣ୍ଡିତର ପର୍ଯ୍ୟନ୍ତ ୧୩ କି.ମି. ଲମ୍ବର ମୂଳ ଖରସ୍ରୋତା ଚିରସ୍ରୋତା ହେବା ଆଶା ଉଜ୍ଜ୍ୱଳ ହୋଇଛି। ଏହି ନଦୀର ଉପରମୁଣ୍ଡ ଟିକରପଡ଼ାଠାରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ରହିଥିବା ପ୍ରସ୍ତାବ ଖୁବ୍‌ଶୀଘ୍ର ବାସ୍ତବରୂପ ନେବାକୁ ଯାଉଛି। ଏଦିଗରେ ଯାଜପୁର ଜିଲା ଜାରକା ଜଳସେଚନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ କରାଯାଇଥିବା ଦାବିକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁତ୍ୱ ଦିଆଯିବା ପରେ ବିଭାଗ ତତ୍ପର ହୋଇଉଠିଛି। ବିଭାଗର ଅଧିକ୍ଷଣଯନ୍ତ୍ରୀ କାମଦେବ ଦାସଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ସୁବାସ ସାହୁଙ୍କ ସମେତ ୩ଜଣିଆ ଦଳ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏଥିସହ ପ୍ରତିନିଧି ଦଳ ପୁନରୁଦ୍ଧାର ସମିତିର ସଭାପତି ବେଣୁଧର ଦୋବାଇ, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ, ଲକ୍ଷ୍ମଣ ରାଉତ, ପୁରୁଷୋତ୍ତମ ଦାସ, ସମସେର ଅଲ୍ଲୀ ଖାଁଙ୍କ ସମେତ ସମିତିର ବହୁ ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। କ୍ଷେତ୍ର ପରିଦର୍ଶନ ଓ କମିଟି ସହ ଆଲୋଚନା ପରେ ବିଭାଗ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ପୂର୍ବ ସର୍କଲ-ଚଣ୍ଡିଖୋଲକୁ ଅବଗତ କରାଯାଇଛି। ପ୍ରସ୍ତାବିତ ସ୍ଥାନରେ ସ୍ଲୁଇସ୍ ଗେଟ ନିର୍ମାଣ ପାଇଁ ୮କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ଉକ୍ତ ରିପୋର୍ଟ ଆଧାରରେ ମୂଳ ଖରସ୍ରୋତାରେ ବର୍ଷ ସାରା ଜଳ ପ୍ରଭାବିତ ହେବା ସମ୍ଭାବନା ବଢ଼ି ଯାଇଛି। ସ୍ଲୁଇସ୍ ଗେଟ୍ ନିର୍ମାଣ ହେଲେ ମୂଳ ଖରସ୍ରୋତାରେ ବନ୍ୟା ନିୟନ୍ତ୍ରଣ ହୋଇପାରିବା ସହ ଶୁଷ୍କ ନଦୀକୁ ସଚଳ କରିବାର ଲକ୍ଷ୍ୟ ସାଧନ ହୋଇପାରିବ।

ମୂଳ ଖରସ୍ରୋତାରେ ବନ୍ୟା ପ୍ରଭାବିତ ହେବା ଯୋଗୁ ଦ୍ୱୀପାଞ୍ଚଳବାସୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ୨୦୦୦ ମସିହା ପୂର୍ବରୁ ଏହି ନଦୀରେ ବନ୍ୟା ନିୟନ୍ତ୍ରଣ ଆଳରେ ଉପର ମୁଣ୍ଡରେ ବନ୍ଧବାନ୍ଧି ଦିଆଯାଇ ନଦୀରେ ଜଳ ପ୍ରବାହକୁ ବନ୍ଦ କରିଦିଆଯାଇଥିଲା। ମାତ୍ର ବନ୍ୟା ନିୟନ୍ତ୍ରଣ ହୋଇପାରିଲା ନାହିଁ। ସେବେଠାରୁ ନଦୀର ତଳମୁଣ୍ଡ ଖଣ୍ଡିତର ଠାରେ ନିର୍ମିତ ସ୍ଲୁଇସ୍‌ଗେଟ ବାଟ ଦେଇ ନଦୀରେ ବନ୍ୟାଜଳ ପ୍ରବେଶ କରୁଛି। ଦ୍ୱୀପାଞ୍ଚଳବାସୀଙ୍କୁ ବନ୍ୟାକଷ୍ଟ ଦେଉଛି ସତ, ହେଲେ ନଦୀର ଉପରମୁଣ୍ଡରୁ ପାଣି ପ୍ରବାହିତ ହୋଇନପାରୁ ନାହିଁ। ବର୍ଷାଦିନ ଛଡ଼ା ନଦୀରେ ପାଣି ମୁନ୍ଦାଏ ମିଳୁନାହିଁ। ବର୍ଷାଦିନେ ତଳମୁଣ୍ଡ ଠେଲାପାଣି ନଦୀରେ ପ୍ରବେଶ କରୁଛି। ଜଳସ୍ତର କମିଯିବା ପରେ ନଦୀରେ ଜମି ରହିଥିବା ଅଳିଆବର୍ଜନା ବାହାରି ପାରୁନାହିଁ। ଖରାଦିନେ ପାଣି ଅଭାବ ପରିଲକ୍ଷିତ ହେବା ସାଙ୍ଗକୁ ନଦୀଗର୍ଭ ନର୍ଦ୍ଦମାରେ ଭର୍ତ୍ତି ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ମଶା, ମାଛି, ସରୀସୃପ ଆଦିଙ୍କର ବାସସ୍ଥାନ ପାଲଟିଛି ଏହି ଶୁଷ୍କ ନଦୀଗର୍ଭ। ନଦୀରଠାଏ ଠାଏ ଖାଲୁଆ ଜାଗାରେ ଜମି ରହିଥିବା ପାଣିରେ ବିଲାତି ଦଳରେ ଭର୍ତ୍ତିହୋଇ ରହୁଛି। ଏଭଳି ସ୍ଥିତି ନଦୀକୂଳିଆ ନଠୁଆବର, ଟିକରପଡ଼ା, ଗନ୍ଧଣ, ବଡ଼କଇଞ୍ଚ, ଭୋଟକା, ରାହାମ୍ବା, ରସୁଲପୁର ଭଳି ୭ ପଞ୍ଚାୟତୟର ଜନସାଧାରଣଙ୍କୁ ବ୍ୟଥିତ କରିଛି। ଭୁଲ ନିଷ୍ପତ୍ତି ଯୋଗୁ ନଦୀଟି ମରିଯାଇ ଚାଷବାସ ପ୍ରତି ବିଶେଷ କ୍ଷତି ପହଞ୍ଚାଇବା ସହ ଭୂତଳଜଳସ୍ତର ନିମ୍ନଗାମୀ ହେବାରେ ଲାଗୁଛି। ନଦୀକୂଳିଆ ଅଗଭୀର ନଳକୂପ, କୂପ ଆଦି ଖରାଦିନରେ ଶୁଖି ଯାଉଛି। ଏହାକୁ ଦେଖି ୨୦୦୩ରେ ମୂଳ ଖରସ୍ରୋତା ନଦୀ ବଞ୍ଚାଅ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ନଦୀ ଉପରମୁଣ୍ଡରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ କରାଯିବାକୁ ଦାବିକରି ପୁନରୁଦ୍ଧାର ସମିତି ପକ୍ଷରୁ ବିଭିନ୍ନ ସ୍ଥାନରେ ଅଭିଯୋଗପତ୍ର ପ୍ରଦାନା କରାଯାଇ ଆସୁଛି। ସ୍ଲୁଇସ୍ ଗେଟ ନିର୍ମାଣକୁ ନେଇ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ସର୍ବୋଚ୍ଚ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଆସୁଛନ୍ତି। ସ୍ଲୁଇସ୍ ଗେଟ ନିର୍ମାଣ ହେଲେ ନଦୀକୂଳବାସୀଙ୍କ କ'ଣ ଉପକାର ହେବ ସେ ସମ୍ପର୍କରେ ଅବଗତ ହୋଇଛନ୍ତି। ଏସବୁ ପରେ ବିଭାଗ ପକ୍ଷରୁ ପ୍ରସ୍ତାବିତ ସ୍ଥାନରେ ସ୍ଲୁଇସ୍ ଗେଟ୍ ନିର୍ମାଣକୁ ନେଇ ଟାଳଟୁଳନୀତି ଅବଲମ୍ବନ କରାଯାଉଛି ବୋଲି ସମିତି ଅଭିଯୋଗ କରୁଛି।।

ପୁନରୁଦ୍ଧାର ସମିତି ପକ୍ଷରୁ ଉକ୍ତ ସମସ୍ୟାକୁ ନେଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଅବଗତ କରାଯାଇଥିଲା। ପାଣ୍ଡିଆନ ଧର୍ମଶାଳା ବ୍ଲକ ଗସ୍ତରେ ଆସିଥିବା ସମୟରେ ପୁନରୁଦ୍ଧାର ସମିତି ପକ୍ଷରୁ ନଦୀକୁ ନେଇ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ଉକ୍ତ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ଜଳସେଚନ ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ସମିତିର ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ସ୍ଲୁଇସ୍ ଗେଟ ନିର୍ମାଣର ରୂପରେଖ ପାଇଁ ନକ୍ସା ପ୍ରସ୍ତୁତ ହେଉଛି। ଖୁବ୍‌ଶୀଘ୍ର ଅର୍ଥ ମଞ୍ଜୁର କରାଯିବା ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶାପୋଷଣ କରାଯାଉଛି। ଉକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ନଦୀ ଅବବାହିକାରେ ବସବାସ କରୁଥିବା ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ, ୨ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି, ୨୦୦ରୁ ଊର୍ଦ୍ଧ୍ୱ ଧିବର ସମ୍ପ୍ରଦାୟ ପରିବାର ଉପକୃତ ହୋଇପାରିବେ ବୋଲି ସମିତି ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ସ୍ଲୁଇସ୍ ଗେଟ୍ କାର୍ଯ୍ୟ କେବେ ଆରମ୍ଭ ହେଉଛି ତାହା ସମୟକ୍ରମେ ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

### ଦ୍ୱିତୀୟ ଦିନରେ ଖଣି କର୍ମଚାରୀଙ୍କ ଧାରଣା

#### ସମାଧାନର ରାସ୍ତା ଫିଟୁନି

**କାଳିଆପାଣି,୨ା୧୧(ଅସିତ ମହାନ୍ତ):**

ବାଲେଶ୍ୱର ଆଲ୍‌ଏଜ୍‌ର ସୁକିନ୍ଦା ଖଣି କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ବୋନସ ଦେଉନାହାନ୍ତି। ଏହାର ପ୍ରତିବାଦରେ ଖଣି କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ବୁଧବାରଠାରୁ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଗୁରୁବାର ଏହି ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଥିଲେ ମଧ୍ୟ କୌଣସି ସମାଧାନାର ସୂତ୍ର ବାହାରି ପାରିନାହିଁ। ଖଣି କର୍ତ୍ତୃପକ୍ଷ କର୍ମଚାରୀ ଓ ଶ୍ରମିକ ସଂଘ କଥା ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଖଣିରେ କାର୍ଯ୍ୟରତ ନିୟମିତ କର୍ମଚାରୀଙ୍କୁ ବୋନସ ନ ଦେଇ ଗିଫ୍ଟ ଆକାରରେ ୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ହେଲେ ଠିକା କର୍ମଚାରୀଙ୍କୁ ଏହା ପ୍ରଦାନ କରାଯାଇ ନ ଥିବାରୁ ୨୪୮ ଠିକା କର୍ମଚାରୀ ଅସନ୍ତୋଷ ପ୍ରକାଶ କରି ଏପରି ଆନ୍ଦୋଳନ କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଖଣି କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରୁଛି। ମାତ୍ର ଏହା କରାଇ ଦିଆଯିବନି ବୋଲି ଶ୍ରମିକ ସଂଘ ନେତା ନାରାୟଣ ଚନ୍ଦ୍ର ଧୀର କହିବାସହ କର୍ମଚାରୀଙ୍କୁ ବକେୟା ଦରମା, ବୋନସ ଓ ଏଲଟିସି ସହ ତୁରନ୍ତ ସେମାନଙ୍କ ଇପିଏଫ୍ ଜମା କରିବାକୁ ଚେତାବନୀ ଦେଇଛନ୍ତି। କମ୍ପାନୀ କର୍ମଚାରୀଙ୍କ ପ୍ରାପ୍ୟ ନ ଦେବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ ବୋଲି ଧୀର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କମ୍ପାନୀର ଖଣି ପରିଚାଳକ ପତିତପାବନ ବାରିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ସାମିଲ ହେଲା ଗଣ ସଙ୍ଗଠନ




ଗଣ ସଂଗଠନ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା।

**ଯାଜପୁରରୋଡ୍,୨ା୧୧(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ହେଉଛି କଳିଙ୍ଗନଗର ଶିଳ୍ପ ନଗରୀର ପ୍ରବେଶ ଦ୍ୱାର। ହେଲେ ୩୮ ବର୍ଷ ତଳେ ନିର୍ମାଣାଧୀନ ସହରର ଏକ ମାତ୍ର ରାଜୀବ ଗାନ୍ଧୀ ଷ୍ଟାଡିୟମ ପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଏହି ଷ୍ଟାଡିୟମର ବିକାଶ ନିମନ୍ତେ ୧୦ଦିନ ଧରି ଅନ୍ତର୍ଜାତୀୟ କ୍ରୀଡ଼ାବିତ ବିଏସ୍‌କେ ସାମଲଙ୍କ ନେତୃତ୍ୱରେ ଅନଶନ ଚାଲୁ ରହିଥିଲେ ମଧ୍ୟ ଜିଲା ପ୍ରଶାସନର ନୀରବ ରହିଛି। ଫଳରେ ସହରର ବିଭିନ୍ନ ସଂଗଠନ ପକ୍ଷରୁ ଅନଶନକୁ ସମର୍ଥନର ସୁଅ ଛୁଟୁଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ

#### ରାଜୀବ ଗାନ୍ଧୀ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ଅନଶନ ଜାରି

ଗୁରୁବାର କୋରେଇ ସଂଗ୍ରାମ ସମିତି, ଯାଜପୁରରୋଡ ସିଭିଲ ସୋସାଇଟି ଓ ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ମିଳିତ ଗଣସଂଗଠନଗୁଡ଼ିକ ଏକ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି ଦେଇ କେଏନଡିଏ କାର୍ଯ୍ୟାଳୟଠାରୁ ଅନଶନସ୍ଥଳରେ ପହଞ୍ଚି ପ୍ରତିବାଦ କରିଛନ୍ତି। ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି, ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି, ନିତ୍ୟାନନ୍ଦ ମହାଲିକ, ଅକ୍ଷୟ କୁମାର ଚାନ୍ଦ, ହେମନ୍ତ କୁମାର ଧୀର ଓ ରାଇଚରଣ ମହାନ୍ତିଙ୍କ ନେତୃତ୍ୱରେ ସଂଗଠନଗୁଡ଼ିକ ଆସି ଅନଶନସ୍ଥଳରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭାରେ ବକ୍ତାମାନେ ଜିଲା ପ୍ରଶାସନର ଅଣଦେଖାକୁ ନେଇ ବର୍ଷିଥିଲେ। ବ୍ୟାସନଗରର କ୍ରୀଡ଼ାବିତମାନେ ମାଟିର ସୁନାମକୁ ଆଲୋକିତ କରୁଥିବାବେଳେ ସେମାନଙ୍କ ପ୍ରତି ହେଉଥିବା ଅପମାନକୁ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ଜରିଆରେ ଜବାବ ଦେବାକୁ ଚେତାବନୀ ଦେଇଥିଲେ।

### ବିଦ୍ୟୁତ୍ ଚାଳିତ ସ୍କୁଟି ଜଳିଗଲା

**ରସୁଲପୁର,୨ା୧୧(ରଞ୍ଜିତ ରାଉତ):**

କୁଆଖିଆ ଥାନା ମୁଗୁପାଳ ପଞ୍ଚାୟତ ଗଣାବାଗ ସାହିର ସୁଜିତ୍ କୁମାର ସାହୁଙ୍କ ବିଦ୍ୟୁତ୍ ଚାଳିତ ସ୍କୁଟି ଜଳିଯାଇଛି। ବୁଧବାର ରାତିପ୍ରାୟ ୧୧ଟାରେ ବ୍ୟାଟେରିଫାଟିଯିବାରୁ ସ୍କୁଟି ଜଳିବାକୁ ଲାଗିଥିଲା। ରସୁଲପୁର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁବାର ସକାଳୁ ମାଲିକ ସ୍କୁଟିକୁ ଶୋ'ରୁମରେ ପହଞ୍ଚାଇଛନ୍ତି। ଶୋ'ରୁମ୍ ପକ୍ଷରୁ କ୍ଷତିପୂରଣ ଦିଆ ନ ଗଲେ ସେ କମ୍ପାନୀ ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ୨୫ ଡିସେମ୍ବର ୨୦୨୧ରେ ସୁଜିତ ଯାଜପୁର ଟାଉନସ୍ଥିତ ଏକ ଶୋ'ରୁମରୁ ସ୍କୁଟି କ୍ରୟ କରିଥିଲେ। ସ୍କୁଟିକୁ ପ୍ରତିଦିନ ଭଳି ଚାର୍ଜରେ ବସାଇ ଦେଇଥିଲେ। ରାତିରେ ହଠାତ୍ ଏକ ଶବ୍ଦଶୁଣି ପରିବାର ଲୋକେ ବାହାରକୁ ଆସି ଦେଖିଲେ ଯେ ସ୍କୁଟି ଜଳୁଛି। ଶୋ'ରୁମ୍ ପକ୍ଷରୁ କମ୍ପାନୀ ସହ ଯୋଗାଯୋଗ କରାଯାଉଛି। କମ୍ପାନୀ ଅଧିକାରୀ ଆସିବା ପରେ ଗ୍ରାହକଙ୍କୁ ଡକାଯାଇ ଆଲୋଚନା ଏହାର ସମାଧାନ କରାଯିବ ବୋଲି ଶୋରୁମ୍ ମାଲିକଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଛି।



## 'ମୋ ଦଳ' ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୋ' ଦଳର କର୍ମକର୍ତ୍ତା ଗଣଧାରଣା ଦେଇଛନ୍ତି।

**ଯାଜପୁର ଟାଉନ,୨ା୧୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ମୋ ଦଳ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ଗଣଧାରଣା ଦିଆଯାଇଛି। ଜିଲା ସଭାପତି ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ମୁଖ୍ୟଅତିଥି ଭାବେ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ତଥା ମୋ ଦଳ କୋଷାଧ୍ୟକ୍ଷ ନିମାଇଁ ରାୟ ଯୋଗଦେଇ ସରକାର ଆକ୍ରୋଶ ମୂଳକ ଭାବେ 'ମୋ ଦଳ'ର ମହାସଚିବ ପ୍ରଦୀପ ପ୍ରଧାନଙ୍କୁ ଗିରଫ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଧାବିକା ଦୂତୀ ଚାନ୍ଦଙ୍କର ଏକ କପୋଳ କଳ୍ପିତ ମିଥ୍ୟା କେଶ୍‌କୁ ନେଇ ପ୍ରଧାନଙ୍କୁ ଭୁବନେଶ୍ୱର ମହିଳା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଯାହାକି ଏକ

#### ମହାସଚିବଙ୍କ ଗିରଫର ପ୍ରତିବାଦ

ନିନ୍ଦନୀୟ ଘଟଣା ବୋଲି ସେ ପ୍ରକାଶ କରିଛନ୍ତି। ଏହି ଗଣଧାରଣାରେ ଜିଲା ସମ୍ପାଦକ ଦିଲ୍ଲୀପଶଙ୍କର ବେହେରା, ଅଶୋକ ଶାନ୍ତି, ମନୋଜ ଦାସ ଓ ମାଧବ ଶାନ୍ତି ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ପ୍ରଦୀପଙ୍କ ଗିରଫଦାରୀକୁ ନିନ୍ଦା କରିବା ସହ ନିସର୍ତ୍ତ ଖଲାସ ଦାବି କରିଥିଲେ। ଏହିମର୍ମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବଲ୍ଲଭ ଜେନା, ସ୍ମିତିରଞ୍ଜନ ଓଝା, ସୁବ୍ରତ ସାହୁ, ହରିଶ ଦଳାଇ, ଧନଞ୍ଜୟ ବିଶ୍ୱାଳ, ଲକ୍ଷ୍ମୀଧର ସାହୁ, ଅଜୟ ରାଉତ, ଦିଲ୍ଲୀପ ବେହେରା ଓ ଶିଶିର ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନରହରି ଦାସ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ଘରକୁ ଦଖଲ କଲା ପ୍ରଶାସନ

**ଯାଜପୁର ଟାଉନ,୨ା୧୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଦୀର୍ଘଦିନର ବିବାଦ ପରେ କୁସୁମା ନିକଟରେ ଥିବା ଜଣେ ସଂଖ୍ୟାଲଘୁ ମହିଳାଙ୍କ ଘରକୁ ଗୁରୁବାର ପ୍ରଶାସନ ନିଜ ଦଖଲକୁ ନେଇଛି। ଯାଜପୁର ମହିଳା ମହାବିଦ୍ୟାଳୟଠାରୁ ଯୋଡ଼ିକୁଅଛକ ଭାୟା ଟିଭିଏସ୍ ଶୋ'ରୁମ୍ ରାସ୍ତାକୁ ୪ ଥାକ ବିଶିଷ୍ଟ କରାଯାଉଛି। ମାତ୍ର ସେହି ରାସ୍ତାରେ ଖାତା ନମ୍ବର ୫୦୩/୩୦୫, ପ୍ଲଟ୍ ନମ୍ବର ୪୦୬/୧୪୪୭ ଏରିଆ ଏ୦.୦୪ଡି ଉପରେ ୩ ତାଲା ବିଶିଷ୍ଟ ବ୍ୟବସାୟିକ ଗୃହ ନିର୍ମାଣ କରାଯାଇଥିଲା। ତେଣୁ ଏହାକୁ ଦଖଲକୁ ନେବାପାଇଁ ପ୍ରଶାସନ ଅନେକ ବାର ନୋଟିସ୍ କରିଥିଲା। ମାତ୍ର ମହିଳା ଜଣକ ପ୍ରଶାସନ ବିରୋଧରେ କେଶ୍ କରି ସମ୍ପୃକ୍ତ କୋଠାକୁ ଛାଡି ନ ଥିଲେ। ଅକ୍ଟୋବର ୨୦ରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଭୂ-ଅର୍ଜନ(ସିଭିଲ) ଉପବିଭାଗ ପକ୍ଷରୁ ନୋଟିସ୍ ସଂଖ୍ୟା ୧୩୨ ତା:୧୧।୧୦।୨୦୨୩ରେ ଦଖଲ ନେବାପାଇଁ ନୋଟିସ୍ ଜାରି କରାଯାଇଥିଲା।



୩ ମହଲା ଘରକୁ ଭଙ୍ଗାଯାଉଛି।

ସଂଖ୍ୟାଲଘୁ ମହିଳା ଜଣକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ହାଇକୋର୍ଟରେ କେଶ୍ ନ ସରିବା ପର୍ଯ୍ୟନ୍ତ ତାଙ୍କୁ ବେଦଖଲ ନ କରିବା ପାଇଁ ନିବେଦନ କରିଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି ଅନୁସାରେ ଅକ୍ଟୋବର ୩୧ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ହାଇକୋର୍ଟ ସମ୍ପୃକ୍ତ ମହିଳାଙ୍କ କେଶ୍‌କୁ ଖାରଜ କରିବା ପରେ ଜିଲା ପ୍ରଶାସନ ତିନି ତାଲା ବିଶିଷ୍ଟ କୋଠଘରକୁ ଭାଙ୍ଗି ଦଖଲ କରିଛି। ସଂପୃକ୍ତ ଗୃହଟି ରହିଥିବାରୁ ରାସ୍ତା କାର୍ଯ୍ୟ ସରିପାରୁ ନ ଥିଲା। ଘର ଦଖଲ ସମୟରେ ଜିଲା ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ୍‌ଙ୍କ ସହ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## କୃଷକ ପ୍ରଶିକ୍ଷଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ରସୁଲପୁର,୨ା୧୧(ରଞ୍ଜିତ ରାଉତ):**



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଫସଲ ବିବିଧିକରଣ ଯୋଜନାର ଏକ କୃଷକ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପର୍ଶୁରାମ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଗଙ୍ଗୋତ୍ରୀ ସାମାଜିକ ଅନୁଷ୍ଠାନର ପରାମର୍ଶଦାତା ଅନସୂୟା ରାଉତ ସଂଯୋଜନା କରିଥିଲେ। ସମ୍ବଳ ଅଧିକାରୀ ଭାବେ ଫସଲ ବିବିଧିକରଣ ଯୋଜନାର ଜିଲାସ୍ତରୀୟ ପରିଚାଳକ ସ୍ୱେତଞ୍ଜୟ ଦାସ, ମେଗା ଉଠା ଜଳସେଚନ ଯୋଜନା ଅଧୀନ ଫସଲ ବିବିଧିକରଣ ଯୋଜନା ଅଧିକାରୀ ମନୋଜ ରାଉତ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେବା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହିତ ଡାଲି ଜାତୀୟ ଫସଲ, ପନିପରିବା ଚାଷ ଓ ସମନ୍ୱିତ ରୋଗପୋକ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ବହୁବିଧ ଚାଷ ଉପରେ ଗରୁତ୍ୱ ଦେଲେ ଚାଷୀ ଆତ୍ମନିର୍ଭରଶୀଳ ହୋଇପାରିବା ସହ କୃଷିକ୍ଷେତର ଉର୍ବର ବଢ଼ି ପାରିବ। ଅଧିକାଂଶ କ୍ଷେତ୍ରରେ ଧାନଚାଷ ପରେ ଚାଷୀ କ୍ଷେତକୁ ପଡ଼ିଆ ପକାଇବା ଅନୁଚିତ ବୋଲି ଅଧିକାରୀମାନେ କହିଥିଲେ। ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେଉଥିବା ଚାଷୀଙ୍କୁ ସରକାରୀସ୍ତରରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଖରିଫ ଋତୁରେ ଅଣଧାନ ଚାଷ କରିଥିବା ଚାଷୀ ସରକାରୀ ପ୍ରୋତ୍ସାହନ ହାତେଇବା ପାଇଁ ନାମ ପଞ୍ଜୀକରଣ କରିସାରିଛନ୍ତି। ସେମାନଙ୍କ ଜମାଖାତାକୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ରବି ଋତୁରେ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ତେଣୁ ଯେଉଁ ଚାଷୀ ରବି ଋତୁରେ ଅଣଧାନ ଚାଷ କରୁଛନ୍ତି ସେମାନେ ସରକାରୀ ପ୍ରୋତ୍ସାହନ ପାଇଁ ନାମ ପଞ୍ଜୀକରଣ କରିବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ଏହି ଯୋଜନାରେ ସାମିଲ ହେବା ଉପରେ ଚାଷୀ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅଧିକାରୀମାନେ ଚାଷୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ଚାଷୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସଂଗଠନର ସଂଯୋଜକ ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଜେଲ ଗଲେ ଅଭିଯୁକ୍ତ

**ମାର୍ଶାଘାଇ,୨।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ଥାନା ଅନ୍ତର୍ଗତ ଶୋବଳା ଗ୍ରାମରେ ଜଣେ ୮ବର୍ଷ ବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସେହିଗ୍ରାମର ଅଣାକାର ସ୍ୱାଇଁ (୫୧)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସର ସୂଚନା ମୁତାବକ ଉକ୍ତ ନାବାଳିକା ଜଣକ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ପିଜୁଳି ଖାଇବାକୁ କହି ନିଜବାଡିକୁ ଡାକି ଅସଦାଚରଣ କରିଥିଲେ। ନାବାଳିକା ଏହି କଥା ତାଙ୍କ ଘରେ କହିବା ପରେ ମାର୍ଶାଘାଇ ଥାନାରେ ଅଭିଯୋଗ କରାଯାଇଥିଲା । ତଦନ୍ତକାରୀ ଅଧିକାରୀ ଏସ୍ଆଇ କୌଶରିକା ରାଉତରାୟ ଏକ ମାମଲା(ନଂ. ୫୦୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

### କାଳିପୂଜା ପାଇଁ ପ୍ରସ୍ତୁତି ବୈଠକ

**କୁଜଙ୍ଗ, ୨।୧୧ (ମନୋଜ ପ୍ରଧାନ):** କୁଜଙ୍ଗଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୫୮ତମ କାଳିପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଭାପତି ଆଇନଜୀବୀ ଏଏନଡି ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଉପଦେଷ୍ଟା ତଥା ଶ୍ରମିକ ନେତା ଅରିନ୍ଦମ ସର୍ଖେଲ ଯୋଗଦେଇ ଆଗାମି କାଳି ପୂଜା କିପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେଥିପ୍ରତି ଗୁରୁତାରୋପ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ସମ୍ପାଦକ ତଥା ଆଇନ ଜୀବୀ ରମେଶ ଚନ୍ଦ୍ର ଦାସ, ଉପସଭାପତି ରବୀନ୍ଦ୍ର ନାଥ, ସହସମ୍ପାଦକ ଚିତ୍ତ ରଞ୍ଜନ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ବିଶ୍ୱନାଥ ମଲ୍ଲିକ, ପୂର୍ବତନ ସରପଞ୍ଚ ପବିତ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ପୂଜା କିପରି ଆକର୍ଷଣୀୟ ହେବ ସେଥି ନିମନ୍ତେ ମତବ୍ୟକ୍ତ କରିଥିଲେ। ଶେଷରେ ସମ୍ପାଦକ ଦାସ ଧନ୍ୟବାଦ ଦେଇଥିଲେ

### ନୂତନ ପର୍ଯ୍ୟବେକ୍ଷକଙ୍କ ନିଯୁକ୍ତିକୁ ସ୍ୱାଗତ

**ରାଜନଗର,୨।୧୧(ଭାସ୍କର ରାଉତରାୟ):** କେନ୍ଦ୍ରାପଡା ଜିଲା ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ କୁମାର ଜେନାଙ୍କୁ ଗୁରୁବାର ନିଯୁକ୍ତି ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ଜେନାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯିବା ପରେ ରାଜନଗର ବ୍ଲକ ବିବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ଓବିସି ସେଲ ସଭାପତି ବିଜୟ କୁମାର ନାୟକ, ବ୍ଲକ ଉପସଭାପତି ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ତାଙ୍କ ନିଯୁକ୍ତି ସ୍ୱାଗତ କରିଛନ୍ତି।

# ୩ ବ୍ଲକର ସମୁଦ୍ର କୂଳ ୩୫ ଗାଁ ପାଇଁ ବିପଦ



■ ୫ରେ ବିଶ୍ୱ ସୁନାମି ଦିବସ ନେଇ ମକ୍ ଡ୍ରିଲ

■ ନୋଳିଆସାହିକୁ ସୁନାମି ରେଡି ଗାଁ ଭାବେ ଘୋଷଣା

**ଜଗତ୍‌ସିଂହପୁର, ୨।୧୧ (ପ୍ରମୋଦ କୁମାର ନାୟକ)**

ସୁନାମି ଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ନାଁ ଶୁଣିଲେ ଯେ କେହି ଭୟଭିତ ହେବା ସ୍ୱାଭାବିକ। କାରଣ ଏହା କେତେବେଳେ ଆସିବ ତାହା ଜାଣିବା ସହଜ ହୋଇ ନ ଥାଏ। ଏଥିରୁ ସୁରକ୍ଷା ପାଇବାକୁ ହେଲେ କେବଳ ଆଗୁଆ ସଚେତନ ଓ ସତର୍କତା ଅବଲମ୍ବନ ଜରୁରୀ। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବିଶ୍ୱ ସୁନାମି ଦିବସ ନେଇ ଆସନ୍ତା ୫ ତାରିଖରେ ଜିଲାରେ ହେବାକୁ ଥିବା ମକ୍‌ଡ୍ରିଲ ଉପରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହା କୁହାଯାଇଛି। ଏଥିରେ ସମ୍ଭାବ୍ୟ ସୁନାମିରେ ସମୁଦ୍ରଠାରୁ ୨ କିମି ଭିତରେ ଥିବା ଗାଁଗୁଡିକ ବିଶେଷ ପ୍ରଭାବିତ ହେବାର ଆଶଙ୍କା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ପୌରୋହିତ୍ୟ କରି କହିଥିଲେ, ମିଳିତ ଜାତିସଂଘ ଦ୍ୱାରା ପ୍ରତିବର୍ଷ ନଭେମ୍ବର ୫କୁ ବିଶ୍ୱ ସୁନାମି ସଚେତନତା ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷର ଥିମ୍ ରହିଛି ଏକତାର ସହ ଲଢି ସଶକ୍ତ ଭବିଷ୍ୟତ ଗଢିବା। ଜଗତ୍‌ସିଂହପୁର ଜିଲାରେ ଏହି ଦିବସ ପାଳନ ଅବସରରେ ସରକାରଙ୍କ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୫ ତାରିଖରେ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ। ବୈଠକରେ କୁହାଯାଇଥିଲା ଜିଲାର ବାଲିକୁଦା, ଏରସମା ଓ କୁଜଙ୍ଗ ବ୍ଲକ ସମେତ ପାରାଦୀପର ମୋଟ ୩୫ଟି ଗ୍ରାମକୁ ସୁନାମି ପ୍ରବଣ ଭାବେ ଘୋଷଣା କରାଯାଇଛି। କିନ୍ତୁ ଏହି ୩ ବ୍ଲକର ୫ଟି ଗ୍ରାମ ଯଥା ବାଲିକୁଦା ବ୍ଲକ ବରମୁଣ୍ଡୁଳି ପଞ୍ଚାୟତ ଅନ୍ତର୍ଗତ ବାଘେଇପୁର, ମରିଚପୁର ପଞ୍ଚାୟତର ଧନୁହରବେଲାରୀ, କୁଜଙ୍ଗ ବ୍ଲକ ପାରାଦୀପଗଡ଼ ପଞ୍ଚାୟତର ଚନକଣା, ଏରସମା ବ୍ଲକ ପଦମପୁର ପଞ୍ଚାୟତର ସାହାଡ଼ାବେଦୀ, ଗଡ଼କୁଜଙ୍ଗ ପଞ୍ଚାୟତର ଭୂୟାଁପାଳଠାରେ ମକ୍ ଡ୍ରିଲ ହେବ। ହାଇଦ୍ରାବାଦର ଆଇଏନ୍‌ସିଓଆଇଏସ୍ ସଂସ୍ଥା ଭାରତରେ ସୁନାମିର ସୂଚନା ଦେଇଥାଏ। ଏହି ଅନୁଯାୟୀ ଜିଲାଗୁଡିକ ପଦକ୍ଷେପ ନେବାକୁ ପଡିଥାଏ। ମକ୍ ଡ୍ରିଲ ସମୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଓଡ୍ରାଫ ଦଳ, ଆପଦ ମିତ୍ର, ମିଶନ ଶକ୍ତି ମହିଳା, ଅଗ୍ନିଶମ ବିଭାଗର କର୍ମଚାରୀ ଓ ଅଙ୍ଗନୱାଡି କର୍ମୀମାନେ ଭାଗ ନେଇ ନିଜକୁ ଓ ଅନ୍ୟକୁ ରକ୍ଷା କରିବାର କୌଶଳ ପ୍ରଶିକ୍ଷଣ ନେବେ। ଜିଲାର ନୋଳିଆ ସାହିକୁ ସୁନାମି ରେଡି ଗ୍ରାମ ଭାବେ ଘୋଷଣା କରାଯାଇଛି। ଆଗକୁ ସମସ୍ତ ୩୫ଟି ଗ୍ରାମକୁ ଏଥିରେ ସାମିଲ କରାଯିବ ବୋଲି ଅତିରିକ୍ତ ଜିଲାପାଳ ବିଶ୍ୱାଳ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଜରୁରୀ ବିଭାଗ ପ୍ରକଳ୍ପ ଅଧିକାରୀ ଆଶୁତୋଷ ମହାନ୍ତି ଏବଂ ମୟୂରଭଞ୍ଜ ଜିଲାର ଜରୁରୀ ବିଭାଗ ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ପାୱାର ପଏଣ୍ଟ ମାଧ୍ୟମରେ ସୁନାମିର କାରଣ ଓ ଭାରତ ତଥା ବିଶ୍ୱରେ ଏହାର ଇତିହାସ ବିଷୟରେ କହିଥିଲେ। ସୂଚନାଯୋଗ୍ୟ, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ଯଦିଓ ଜିଲାରେ କେବେ ଆସିନାହିଁ, କିନ୍ତୁ ଏହାର ବିପର୍ଯ୍ୟୟ ଭୟାବହତା ବିଷୟରେ ପ୍ରତ୍ୟେକ ଅଳ୍ପ ବହୁତେ ଅବଗତ। ସମୁଦ୍ରରେ ସୃଷ୍ଟି ହେଉଥିବା ଭୂକମ୍ପ କାରଣରୁ ସୁନାମିର ସୃଷ୍ଟି। ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରି ଏ ନେଇ ପ୍ରସ୍ତୁତି ପାଇଁ ସମୟ କମ ଥାଏ। ତେଣୁ ମକ୍ ଡ୍ରିଲ ମାଧ୍ୟମରେ ପ୍ରତ୍ୟେକ ଏଥିରୁ ରକ୍ଷା ପାଇବା ତଥା ଅନ୍ୟକୁ ବଞ୍ଚାଇବାର କୌଶଳ ଜାଣିପାରିବେ। ବୈଠକରେ ପୋଲିସ, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା, ମିଶନ ଶକ୍ତି, ଅଗ୍ନିଶମ, ଓଡ୍ରାଫ ବିଭାଗର ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ସଭାରେ ଉପସ୍ଥିତ ଅତିଥିମାନେ।

**ଦୁର୍ନୀତି ନିବାରଣ ସଚେତନତା ସଭା**

**ଜଗତ୍‌ସିଂହପୁର, ୨।୧୧ (ପ୍ରମୋଦ କୁମାର ନାୟକ):** ଛାତ୍ରୀଛାତ୍ରମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ଉନ୍ନତି ଦେଶର ପ୍ରଗତିରେ ବିଶେଷ ସହାୟକ ହୋଇଥାଏ। ତେଣୁ ଛାତ୍ରୀଛାତ୍ରମାନେ ଦାୟିତ୍ୱବାନ ହେବାକୁ ପଡିବ। ଶିକ୍ଷିତ ଓ ସଚେତନ ରହିଲେ ସାମଜର ମଙ୍ଗଳ ହେବ। ଓଡ଼ିଶା ସରକାରଙ୍କ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଗୁରୁବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ଅତିଥିମାନେ ଏହା କହିଛନ୍ତି। ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧୀକ୍ଷକ ଅନୁପମା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ଦୁର୍ନୀତି ବିରୋଧରେ ଲଢେଇ କରିବାକୁ ଉପସ୍ଥିତ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ପ୍ରତ୍ୟେକ ଜଣେ ଜଣେ ସ୍ୱଚ୍ଛ ତଥା କର୍ତ୍ତବ୍ୟନିଷ୍ଠ ନାଗରିକ ହେଲେ ଦେଶର ପ୍ରଗତି ଅବ୍ୟସମ୍ଭାବୀ। ପିଲାମାନେ ଆଗକୁ ବଢ଼ି ଦେଶ ପ୍ରଗତିରେ ବାଧକ ସାଜୁଥିବା ଶକ୍ତିକୁ ପ୍ରତିହତ କରିପାରିଲେ ଦୁର୍ନୀତିର ସମୂଳ ବିନାଶ ହେବ। ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧୀକ୍ଷକ ସାହୁ କହିଥିଲେ, ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀମାନେ ନିଜେ ସ୍ୱଚ୍ଛ ରହିବା ସହ ସାଧୁତା, ସତ୍ୟନିଷ୍ଠତାର ସହ କର୍ତ୍ତବ୍ୟ ପଥରେ ଆଗେଇ ଚାଲିବାକୁ ସେ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମିହିର କୁମାର ପାଲ, ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ କୁମାର ରାଉତଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀମାନଙ୍କୁ ସାଧୁତାର ଆଚରଣ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

## ପିଲା ସ୍ୱପ୍ନାଭିଳାଷୀ ହେଲେ ଲକ୍ଷ୍ୟ ହାସଲ କରିବେ

**ଗଙ୍ଗାରାମପୁରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି**



ସୁରଭି କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ,୨।୧୧(କଳ୍ପତରୁ ନାୟକ)**

କୋମଳମତି ଛାତ୍ରଛାତ୍ରୀମାନେ ସ୍ୱପ୍ନଭିଳାଷୀ ହେଲେ ଇପ୍ସିତ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ଗଙ୍ଗାରାମପୁର ହାଇସ୍କୁଲ ପଡିଆ ଆୟୋଜିତ ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କ ପୌରୋହିତ୍ୟ ଓ ସିଆରସିସି ମଳୟ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସାହୁ କହିଲେ ଯେ, ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ଶିକ୍ଷାର ପରିଭାଷା ବଦଳି ଯାଇଛି। ଛାତ୍ରୀଛାତ୍ରମାନେ ନିର୍ଦ୍ଦିଷ୍ଟ ସ୍ୱପ୍ନ ନେଇ ଆଗକୁ ବଢିଲେ ସଫଳତା ପାଇପାରିବେ। ଏଥିପାଇଁ ଛାତ୍ରୀଛାତ୍ରମାନେ ନିଜର ଶକ୍ତି, ଦୁର୍ବଳତାକୁ ପରଖି, ସୁଯୋଗ ଓ ଆହ୍ୱାନର ସଦୁପଯୋଗ କରିବା ଦରକାର। କୋମଳମତି ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସୁରଭି ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ ବୋଲି ବିଧାୟକ ମତ ପ୍ରକାଶ କରିଥିଲେ। ଗଙ୍ଗାରାମ ହାଇସ୍କୁଲ ଭିତ୍ତିଭୂମି ବିକାଶ ପାଇଁ ୫-ଟି ରୂପାନ୍ତରକରଣରେ ସ୍କୁଲର ପରିପାଟୀ ବଦଳି ଯାଇଥିବା ସୂଚନା ଦେବା ସଙ୍ଗେ ସଙ୍ଗେ ଶିକ୍ଷା ସହ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବଡ଼ ମଣିଷ ହେବା ସହ ଭଲ ମଣିଷ ହୋଇ ସାମାଜିକ ପରିବର୍ତ୍ତନର ସୂତ୍ର ହେବାକୁ ପରାମର୍ଶ ଦେଇଥିଲେ। ଆଳି ବ୍ଲକ ଏବିଇଓ ଉଦୟକର ସାମଲ, ଗଙ୍ଗାରାମ ହାଇସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ କବି, ଶିକ୍ଷାବିତ୍ ସୁରେଶ ଜେନା ଓ ଶିକ୍ଷା ବିଭାଗ ଅଧିକାରୀ ମନୋଜ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ସିଆରସିସି ମଳୟ ଜେନା, ରମେଶ ମହାନ୍ତି, ଅନ୍ତର୍ଯ୍ୟାମୀ ବେଜ, ସୌମ୍ୟ ରଞ୍ଜନ ବେହେରା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଦାସ, ଆଦର୍ଶ ଶିକ୍ଷକ ଅରକ୍ଷିତ ସାହୁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ବଳ ଓ ଶୁଭଶ୍ରୀ ସାହୁ, ବିଇଓ ଅଫିସ ସହକାରୀ ଆମ୍ରପାଲି ସାହୁଙ୍କ ସମେତ ବହୁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସୁଲେଖ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ପୂର୍ବତନ ଡେପୁଟି ଡାଇରେକ୍ଟର ଅଭୟ ମଲ୍ଲିକ ମୁଖ୍ୟଅତିଥି, ସେକେଣ୍ଡାରୀ ଇଡୁକେସନ ଆଡିସନାଲ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ଓଝା ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ସଚିତ୍ରି ବେହୁରା, ଶିକ୍ଷାବିତ ଅସୀମା ବେହୁରା, ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷୀନୀ ଜେନା, ସାନକରିଆ ସରପଞ୍ଚ ନିରାକାର ନାୟକ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧରାମ ବେହେରା ଓ ଏସ୍‌ପି ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ପଟ୍ଟାମୁଣ୍ଡାଇ ବ୍ଲକ ଏବିଇଓ ପ୍ରେମବାଳା ମହାପାତ୍ର ଓ ସୁନିତା ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ୨ୟ ଦିନରେ ପ୍ରଶିକ୍ଷଣ ନେଲେ ହଜାରେ କର୍ମୀ

**ବିଜେଡିର ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର**

**ରଘୁନାଥପୁର,୨।୧୧(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ଛକ ନିକଟସ୍ଥ ଏକ ମଣ୍ଡପରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡିର ୩ଦିନ ବ୍ୟାପୀ ଜୋନସ୍ତରୀୟ ପ୍ରଶିକ୍ଷଣ ଶିବରର ଗୁରୁବାର ଥିଲା ୨ୟ ଦିବସ। ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ୨ ଗୋଟି ଜୋନରୁ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ଜନପ୍ରତିନିଧି ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ। ବିଧାୟକ ବିଜୟ ଶଙ୍କର ଦାସ ଓ ଜିଲା ବିଜେଡି ସଭାପତି ରବିନାରାୟଣ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଶିବିରକୁ କ୍ୟାମେରା ଓ ମୋବାଇଲ ନେବାକୁ ନିଷେଧ କରାଯାଇଥିଲା। ଆଭାସି ମାଧ୍ୟମରେ କର୍ମୀଙ୍କୁ ଦଳର ଆଗାମୀ କାର୍ଯ୍ୟପନ୍ଥା ଓ ଜନତାଙ୍କ ନିକଟତର ହୋଇ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲା ପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ଶାନ୍ତିଲତା ଦ୍ୱିବେଦୀ, କୃଷ୍ଣପ୍ରିୟା ବିଶ୍ୱାଳ, ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ବଟକୃଷ୍ଣ ନାୟକ, ମନୋଜିନୀ ସାହୁ, ଜଗବନ୍ଧୁ ମଲ୍ଲିକ, ଜୟନ୍ତୀ ଦାସ, ସୁଚିତ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଷ୍ଣୁପ୍ରିୟାଙ୍କ ଏକାଦଶାହରେ ସ୍ମୃତିସଭା



ସଭାରେ ଯୋଗ ଦେଇଥିବା ଅତିଥି।

**କୁଜଙ୍ଗ, ୨।୧୧ (ମନୋଜ ପ୍ରଧାନ):** କଳାପ୍ରେମୀ ତଥା କୁଜଙ୍ଗ ଅଞ୍ଚଳର ଜଣାଶୁଣା ଓଡ଼ିଶୀ ନୃତ୍ୟଶିଳ୍ପୀ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରାଙ୍କ ମାତା ସ୍ୱର୍ଗତା ବିଷ୍ଣୁପ୍ରିୟାଙ୍କ ଏକାଦଶାହ ଅବସରରେ ତାଙ୍କ ବାସସ୍ଥାନ ବଳରାମପୁରଠାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଗଣ ସଙ୍ଗଠକ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ପାରାଦୀପ ପୌରପାଳ ବସନ୍ତ ବିଶ୍ୱାଳ, ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ, ଶିକ୍ଷାବିତ ଦୀନବନ୍ଧୁ ସେନାପତି, ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରତାପ ମହାପାତ୍ର, ଓକିଲ ସଂଘର ପୂର୍ବତନ ସଭାପତି ଅମୃତ ଦାସ, ଗଙ୍ଗାଧର ସାମନ୍ତରାୟ, ଡା. ଶ୍ରୀଧର ବେହେରା, ସାମାଜିକ କର୍ମୀ ନିତ୍ୟାନନ୍ଦ ମହାନ୍ତି, ଅରୁଣ କୁମାର ବେହେରା, କବୟିତ୍ରୀ ଗୀତା ଦାସ, ପୂର୍ବତନ ସରପଞ୍ଚ କୈଳାସ ବେହେରା, ମାନଭଞ୍ଜନ ମଲ୍ଲ, କୁଜଙ୍ଗ ବ୍ଲକ ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ, ଭାଜପା ନେତା ସମ୍ପଦ ସ୍ୱାଇଁଙ୍କ ସମେତ ସମସ୍ତ ସରପଞ୍ଚ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିଷ୍ଣୁପ୍ରିୟାଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେ ଏକାଧାରରେ ନାଟ୍ୟ ନିର୍ଦ୍ଦେଶିକା, ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ସର୍ବୋପରି ଜଣେ ସୁଗୃହିଣୀ ଥିଲେ। ତାଙ୍କ ବିୟୋଗରେ କୁଜଙ୍ଗ ମାଟି ଜଣେ ସୁନାମଧନ୍ୟ ପ୍ରତିଭାକୁ ହରାଇଲା ବୋଲି ମତବ୍ୟକ୍ତି କରିଥିଲେ। ଜ୍ୟେଷ୍ଠ ପୁତ୍ର ସ୍ମୃତି ରଞ୍ଜନ, ମଧ୍ୟମ ପୁତ୍ର ଶକ୍ତି ରଞ୍ଜନ, କନିଷ୍ଠ ପୁତ୍ର ସୁଧି ରଞ୍ଜନ ଓ ପୁତୁରା ସଞ୍ଜିତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ବଳଭଦ୍ରପୁର ଛକ ଗଜଲକ୍ଷ୍ମୀ ପୂଜା ମଣ୍ଡପ ଭାଇଚାରାକୁ ସୁଦୃଢ଼ କରିଛି



ମଣ୍ଡପରେ ପୂଜା ପାଉଥିବା ଗଜଲକ୍ଷ୍ମୀ ଓ ହନୁମାନଙ୍କ ମୂର୍ତ୍ତି।

**ଡେରାବିଶ, ୨।୧୧(ବେବର୍ତ୍ତା ଅଜୟ ଦାସ):** ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ଭାବେ ପାଳିତଥିବା ମା' ଗଜଲକ୍ଷ୍ମୀଙ୍କ ପୂଜାର ଗୁରୁବାର ଥିଲା ଷଷ୍ଠ ସନ୍ଧ୍ୟା। ତେବେ ବ୍ଲକ ଅଧୀନସ୍ଥ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ଛକ ନିକଟରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଛି । ପ୍ରାଚୀନତମ ଏହି ପୂଜାର ବିଶେଷତ୍ୱ ହେଲା ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ସହଯୋଗରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ପୂଜା ହିନ୍ଦୁ ରୀତିନୀତି ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ପୂଜା କମିଟିରେ ଥିବା ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଅତିନିଷ୍ଠାର ସହ ପୂଜାରେ ଭାଗ ନେଇଥାନ୍ତି ବୋଲି କମିଟିର କର୍ମକର୍ତ୍ତା ଶେଖ୍ ରହେମତୁଲ୍ଲା କହିଛନ୍ତି। ରହେମତୁଲ୍ଲାଙ୍କ ସୂଚନା ଅନୁଯାୟୀ, ମା'ଙ୍କ ଘଟ ପୂଜାଠାରୁ ଆରମ୍ଭ କରି ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ପାଇଁ ପ୍ରଥମଦିନର ପୂଜା ଶେଷ ପର୍ଯ୍ୟନ୍ତ ଆମେମାନେ ଉପବାସ ରହୁ। ଏଥିସହି ମା'ଙ୍କ ପୂଜା ପାଇଁ ୭ଦିନ ଧରି ଆମିଷ ଭକ୍ଷଣ କରୁ ନ ଥିବା ବେଳେ ସାତ୍ତ୍ୱିକ ଭୋଜନ କରିଥାଉ ବୋଲି ରହେମତୁଲ୍ଲା କହିଛନ୍ତି। ଏହି ପୂଜା ପାଇଁ ଆମ ଅଞ୍ଚଳର ବହୁ ଉନ୍ନତି ମଧ୍ୟ ହୋଇଛି ବୋଲି ରହେମତୁଲ୍ଲା କହିଛନ୍ତି। ତେବେ ଚଳିତବର୍ଷ ଏହି ପୂଜା ମଣ୍ଡପରେ ଲୋକକଳାକୁ ଅଧିକ ଗୁରୁତ୍ୱ ଦିଆଯାଇ ଘୋଡ଼ାନାଚ ଓ ପାରମ୍ପରିକ ଭଜନ ସଂକୀର୍ତ୍ତନ କରାଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ଗାଁକୁ ବେଶୀ ଉତ୍ସବମୁଖର କରିଛି। ତେବେ ଶୁକ୍ରବାର ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସଭାପତି ପ୍ରଦୀପ୍ତ କୁମାର ଦାଶ ଓ ସମ୍ପାଦକ ତାପସ କୁମାର ପଲେଇ ସୂଚନା ଦେଇଛନ୍ତି।

## ୩୬ କୋଟି ଟଙ୍କା ବ୍ୟୟରେ କଣ୍ଠିଆନାଳ ସେତୁ ନିର୍ମାଣ ହେବ

**ପଟ୍ଟାମୁଣ୍ଡାଇ ୨।୧୧ (କଳ୍ପତରୁ ନାୟକ)**



କଣ୍ଠିଆନାଳରେ ଅଧା ନିର୍ମାଣ ହୋଇ ରହିଥିବା ସେତୁ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତ କଣ୍ଠିଆନାଳ ସେତୁ ନିର୍ମାଣ କାର୍ଯ୍ୟ ୧୭ବର୍ଷ ତଳେ ଅରମ୍ଭ ହୋଇ ୨ଟି ପିଲର ଅଧା ଉଠି ଏ ପର୍ଯ୍ୟନ୍ତ ବନ୍ଦ ହୋଇ ପଡିରହିଛି। ଯାହାକୁ ନେଇ ୩ ରାଜସ୍ୱ ଗାଁର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିପଦପୂର୍ଣ୍ଣ ଭାବେ ଡଙ୍ଗା ଦ୍ୱାରା ନାଳ ପାର ହେବାକୁ ପଡୁଛି। କଣ୍ଠିଆ ନାଳ ଉପରେ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରିତ ଆରମ୍ଭ କରିବା ପାଇଁ ଗ୍ରାମବାସୀ ଓ ବିଭିନ୍ନ ସଙ୍ଗଠନ ଦାବି ଆନ୍ଦୋଳନ ଜାରି ରଖି ଆସୁଥିଲେ। ଏ ନେଇ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟୟ ଅଟକଳକୁ ମଞ୍ଜୁର ଦେଇ ଜାତୀୟ ଜଳପଥ-୫ ଅଧୀନରେ ଥିବା କଣ୍ଠିଆ ନାଳର କୃଷ୍ଣଦାସପୁର ସିଂହଗାଁ ସେତୁ ପାଇଁ ବିଜୁ ସେତୁ ଯୋଜନାରେ ମୋଟ ୩୬,୯୧,୩୬,୦୦୦ ଟଙ୍କା ବ୍ୟୟ ବରାଦ ହୋଇ ବିରଜା କନଷ୍ଟ୍ରକଶନ କମ୍ପାନୀ ସହ ଏଗ୍ରିମେଣ୍ଟ ସରିଛି ବୋଲି ସହକାରୀ ଯନ୍ତ୍ରୀ ବିନୋଦ କୁମାର ଦାଶ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ସିଂହଗାଁର ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି, ଏହି କଣ୍ଠିଆ ନାଳ ସେତୁ ନିର୍ମାଣ ହେଲେ ସିଂହଗାଁ ପଞ୍ଚାୟତର ସିଂହଗାଁ, ନୂଆପାଟଣା, ସାନରାଉଳିଆ ଓ ବଡରାଉଳିଆ ଗାଁଗୁଡିକୁ ସବୁଦିନିଆ ଗମନାଗମନ ସୁବିଧା ସମ୍ଭବ ହେବ। ଏହାଦ୍ୱାରା ଆଳି ବ୍ଲକର ଏରଡଙ୍ଗ ଓ ପାଳିମି ପଞ୍ଚାୟତର ଦୂରତା କେନ୍ଦ୍ରାପଡ଼ାଠାରୁ ୨୫କି.ମି. କମିବ। ସହରଠାରୁ ସିଂହଗାଁ ମାତ୍ର ୨୬ କି.ମି. ଦୂର। ଏଠାରେ ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେ ବି ଅପହଞ୍ଚ। ଗର୍ଭବତୀ ଭାର ସାହାଯ୍ୟରେ ୧୦ କି.ମି. ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କି.ମି. ଦୂର ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଞ୍ଚି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବାକୁ କଣ୍ଠିଆ ନାଳ ବାଧା ସୃଷ୍ଟି କରୁଛି। ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଧୋୟାଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, କଣ୍ଠିଆ ନାଳ ସେତୁ ନିର୍ମାଣ ଜାତୀୟ ଜଳପଥ ୫ ବାଧକ ସାଜିଥିବା ବେଳେ ଏବେ ଜଳପଥ-୫ ଅଧୀନରେ ଏହି ସେତୁ କାମ ଆରମ୍ଭ ହେବ ବୋଲି ଶୁଣା ଯାଉଛି। ଏହି କଣ୍ଠିଆ ନାଳ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ଅଧୀନରେ ଥିବା ୬୨୩ କି.ମି. ଲମ୍ବର ୫ ନଂ. ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା। ଏଥିମଧ୍ୟରୁ ପଶ୍ଚିମବଙ୍ଗରେ ୯୧ କି.ମି. ଥିବା ବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କି.ମି. ରହିଛି। ଏହି ଜଳପଥ ପ୍ରକଳ୍ପ କେତେକ କାରଣରୁ ନିର୍ମାଣ ବନ୍ଦ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହାର ଅଗ୍ରଗତି ହୋଇପାରୁନାହିଁ। ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଠିଆ ନାଳ ଅନ୍ତର୍ଭୁକ୍ତ ହୋଇଛି। ତେବେ ଏହି ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅନ୍ତର୍ଭୁକ୍ତ ହେବାରୁ ତାହା ବନ୍ଦ ହୋଇରହିଥିଲା। ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଜେନା କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୫ ହଜାରରୁ ଅଧିକ ଅଧିବାସୀଙ୍କ ସମସ୍ୟା ସମାଧାନ ହେବ। ୨୦୦୮ରେ ସେତୁ ନିର୍ମାଣ ପାଇଁ କେତେକ ଜମି ସମସ୍ୟା ଦେଖାଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ସମସ୍ୟାର ସମାଧାନ କରିଥିଲି। ପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ମଧ୍ୟ କରିଛୁ। ଯାହା ହେଉ ସେତୁ ନିର୍ମାଣ ପାଇଁ ଏଗ୍ରିମେଣ୍ଟ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିହଗାଁ ସେତୁ ନିର୍ମାଣ ହେଲେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ହେବ ନାହିଁ। ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଖରେ ତ୍ୱରିତ ପହଞ୍ଚି ପାରିବ। ଏ ସମ୍ପର୍କରେ ସହନିର୍ବାହୀଯନ୍ତ୍ରୀ ବିନୋଦ ଦାଶଙ୍କୁ ପଚାରିବାରେ ଗ୍ରାମ ଉନ୍ନୟନ ବିଭାଗ ବ୍ୟୟ ଅଟକଳ କରାଯାଇ ପ୍ରାୟ ୩୬ କୋଟି ଟଙ୍କା ବ୍ୟୟ ବରାଦ ହୋଇ ବିରଜା କନଷ୍ଟ୍ରକଶନ କମ୍ପାନୀ ସହିତ ୨୮।୭।୨୦୨୩ରେ ଏଗ୍ରିମେଣ୍ଟ ସରିଛି। ଏହାରି ଭିତରେ କାମ ଆରମ୍ଭ ହୋଇ ୨୭।୭।୨୦୨୫ ସୁଦ୍ଧା କାମ ସାରିବାକୁ ଅବଧି ଦିଆଯାଇଛି। ଜାତୀୟ ଜଳପଥ-୫ ଅଧୀନରେ କଣ୍ଠିଆ ନାଳର କୃଷ୍ଣଦାସପୁର ସିଂହଗାଁ ବିଜୁ ସେତୁ ଯୋଜନାରେ କାର୍ଯ୍ୟ କାରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପାର୍ଥସାରଥୀ ମନ୍ଦିରରେ ବିଦେଶୀ



ପାତ୍ରପୁର,୨।୧୧(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାରଥୀ ଧାମ ତଥା ଜରଡ଼ାଗଡ଼ରେ ଥିବା ପାର୍ଥ ସାରଥୀ ମନ୍ଦିରକୁ ଜଣେ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ସୁଦୂର ଅଷ୍ଟ୍ରେଲିଆରୁ ଆଲେକ୍ସ ନାମକ ବିଦେଶୀ ପର୍ଯ୍ୟଟକ ବୁଧବାର ସାରଥୀ ମନ୍ଦିରକୁ ଆସି ବୁଲିଛନ୍ତି। ପାର୍ଥ ସାରଥୀଙ୍କ ଉପରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଜରଡା ଆସିଥିବା ଆଲେକ୍ସ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପୁରୀ ମନ୍ଦିର ସହ କରଡା ପାର୍ଥ ସାରଥୀଙ୍କ ସମ୍ପର୍କ ଓ ମହେନ୍ଦ୍ରଗିରିର ଐତିହ୍ୟ ଜାଣିବା ପାଇଁ ଓଡ଼ିଶା ଆସିଥିବା ସେ କହିଥିଲେ। ତାଙ୍କୁ ରାଜେଶ୍ ପଣ୍ଡା, କାଳିଆ ଅଧିକାରୀ, ଅଭିନାଶ ପଢ଼ାଲ ଓ ମନ୍ଦିର ପୂଜକ ସହଯୋଗ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୨।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର-ବାଙ୍କେଶ୍ୱରୀ ରାସ୍ତାରେ ଥିବା ନୋଡାଲ ପାର୍କ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ବି . ଡୁରୁବୁଡ଼ି ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର କେ. କନ୍ଧ (୨୫)। ଯୁବକ ଜଣକ ନିଜ ବାଇକ ଯୋଗେ ବ୍ରହ୍ମପୁର ଯାଉଥିବା ସମୟରେ ନିଜେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଦିଗପହଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ସମବାୟ ସମିତି ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ବେଲଗୁଣ୍ଠା,୨।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠାରେ ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହକୁ ଗୁରୁବାର ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦଘାଟନ କରିଛନ୍ତି। ଏଥିଲାଗି ସେବା ସମବାୟ ସମିତି ସଭାପତି ସନ୍ତୋଷ କୁମାର ସୁବୁଦ୍ଧିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଆସିକା ସେଣ୍ଟ୍ରାଲ ବ୍ୟାଙ୍କ୍ ସଭାପତି ମଗୁଲୁ ସାହୁ, ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, କାର୍ଯ୍ୟ ନିର୍ବାହି ଅଧିକାରୀ ରାକେଶ କୁମାର ପାତ୍ର, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ୍ ବେଲଗୁଣ୍ଠା ଶାଖା ନିର୍ଦ୍ଦେଶକ ସୁମନ୍ତ କୁମାର ବିଷୋୟୀ, ଆସିକା ଚିନିଶିଳ୍ପ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ନଗରପାଳ ଫିରୋଜ କୁମାର ସେଠୀ, ଉପନଗରପାଳ ଟି ବବିତା କୁମାରୀ, ବ୍ଲକ୍ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ପ୍ରାକ୍ତନ ନଗରପାଳ ତଥା ସାଂସଦ ପ୍ରତିନିଧି ରବୀନ୍ଦ୍ରନାଥ ମହାପାତ୍ର, ସେବା ସମବାୟ ସମିତି ଉପସଭାନେତ୍ରୀ ନମିତା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ନବୀନ ସରକାରଙ୍କ ସମୟରେ ଓଡିଶା ମାନଚିତ୍ରରେ ବିରାଟ ପରିବର୍ତ୍ତନ ଆସିଛି। ଆଗାମୀ ଦିନରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ଆରୁଖଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଗୋଶାଳା କର୍ତ୍ତୃପକ୍ଷ ରଖିଲେ ୧୭୦୦ ଘୁଷୁରି

ନୟାଗଡ଼,୨।୧୧(ଲୋକନାଥ ମିଶ୍ର)



- ଚନ୍ଦନପୁର ଥାନା ପୋଲିସ ଉଦ୍ଧାର କରି ପଠାଇଛି
- ସିଡିଭିଓଙ୍କ ଅନୁମତି ନ ନେଇ ରଖାଯିବା ପରେ କାରଣଦର୍ଶାଅ ନୋଟିସ୍

ନୟାଗଡ ଜିଲା ଖଣ୍ଡପଡ଼ା ବ୍ଲକ ପେଟାପଲ୍ଲୀ ଓ ଭଅଁରପଲ୍ଲୀ ଠାରେ ଥିବା ଦୁଇ ଗୋଶାଳାରେ ଗୁରୁବାର ୧୭୦୦ ଧଳା ଘୁଷୁରୀ ରଖାଯିବାର ଅଭିଯୋଗ ମିଳିଛି । ପୁରୀ ଜିଲାର ଚନ୍ଦନପୁର ଥାନା ପୋଲିସ ଉଦ୍ଧାର କରିଥିବା ୧୭୦୦ ଧଳା ଘୁଷୁରୀକୁ ଖଣ୍ଡପଡ଼ାକୁ ଆଣି ଛାଡିଥିଲେ । ତେବେ ପ୍ରଶ୍ନ ଉଠୁଛି ଗୋଶାଳାରେ କ'ଣ ଘୁଷୁରୀ ରହି ପାରିବେ । ଏନେଇ ଜିଲା ପ୍ରାଣୀ ବିଭାଗ ପକ୍ଷରୁ ନା କୁହାଯାଇଥିବାବେଳେ ସିଡିଭିଓଙ୍କ ଅନୁମତି ନ ନେଇ ଗୋଶଳା କର୍ତ୍ତୃପକ୍ଷ କିପରି ଘୁଷୁରୀ ରଖିଲେ । ଏଭଳିସ୍ଥଳେ ଏକ ଗୋଶାଳା କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି । ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ନୟାଗଡ଼ ପ୍ରାଣୀ ବିଭାଗ ପକ୍ଷରୁ ନୟାଗଡ଼ ଜିଲାପାଳ, ଏସପି ଓ ପ୍ରାଣୀ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଏନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ(ସିଡିଭିଓ) ପ୍ରଶାନ୍ତ ମିଶ୍ର କୁହନ୍ତି ଗୋଶାଳାରେ ଘୁଷୁରୀ ରଖା ଯାଇ ପାରିବ ନାହିଁ । ଆମକୁ ଗୋଶାଳା କର୍ତ୍ତୃପକ୍ଷ ଅବଗତ କରାଇ ନାହାନ୍ତି । ଖବର ପାଇବା ପରେ ଘୁଷୁରୀ ନ ରଖି ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କେଉଁ ପରିସ୍ଥିତିରେ ଓ କାହିଁକି ଘୁଷୁରି ଗୋଶଳାରେ ରଖାଯିବାକୁ ନିଷ୍ପତି ନିଆଗଲା ନେଇ କାରଣଦର୍ଶାଅ ନୋଟିସ୍ କରାଯାଇଛି । ଗୋଶାଳା ଦାୟିତ୍ୱ ରେ ଥିବା ସହକାରୀ ପ୍ରାଣୀ ଚିକିତ୍ସକ(ଏଡିଭିଓ) ଅକ୍ଷୟ ଜେନା କୁହନ୍ତି ଗୋଶାଳାକୁ ଘୁଷୁରୀ ଯାଇ ନାହିଁ । ଗୋଶାଳାକୁ ଘୁଷୁରୀ ଯିବା ପୂର୍ବରୁ ନ ରଖି ଫେରାଇବାକୁ ନିର୍ଦ୍ଦେଶ ଦିଆ ଯାଇଛି । ଘୁଷୁରି ରଖିବା ପାଇଁ କିଏ ନିଷ୍ପତ୍ତି ନେଇଥିଲେ। ସିଡିଭିଓଙ୍କୁ କାହିଁକ ଅବଗତ କରାଗଲା ନାହିଁ । ଏନେଇ ଗୋଶାଳା କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି । ଅନ୍ୟପକ୍ଷେ ଘଟଣାସମ୍ପର୍କରେ ଜିଲାପାଳ ଓ ଏସପିଙ୍କୁ ଅବଗତ କରାଯାଇଛି। ଘଟଣାସ୍ଥଳକୁ ଖଣ୍ଡପଡା ପ୍ରାଣୀ ଚିକିତ୍ସକଙ୍କୁ ପଠାଯାଇଛି ବୋଲି କହିଛନ୍ତି ।

# ଦୁର୍ଗା ମେଢ଼ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ

ଖଣ୍ଡପଡ଼ା,୨।୧୧(ଅଜୟ କୁମାର ମହାରଣା)

**୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା**

ଖଣ୍ଡପଡା ଥାନା ରୟତ ଢୋଲମରା ଗ୍ରାମରେ ଦୁର୍ଗା ମେଢ଼ ଭସାଣିକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଉଭୟ ପକ୍ଷର ଏତଲାକ୍ରମେ ପୋଲିସ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଭସାଣି ଶୋଭାଯାତ୍ରା ରାତିରେ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରୟତ ଢୋଲମରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟନ୍ତୀ ପାଳଙ୍କ ପୁଅ ଜୟ ପ୍ରକାଶକୁ ସ୍ଥାନୀୟ କେତେକ ବ୍ୟକ୍ତି ହଠାତ୍ ଆକ୍ରମଣ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହି ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଘଟଣା ସମ୍ପର୍କରେ ଜୟନ୍ତୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨୬୨/୨୩) ରୁଜୁ କରି ରୟତଢୋଲମରା ଗ୍ରାମର ସଂଗ୍ରାମ ପଣ୍ଡା, ଟୁକୁନା ପରିଡ଼ା, ଦୀପକ ସାହୁ, ସୁବାସ ସ୍ୱାଇଁ, ଶ୍ରୀନିବାସ ସ୍ୱାଇଁ ଓ ରେଣୁବାଳା ପଣ୍ଡାଙ୍କ ନାମରେ ମାମଲା ରୁଜୁ କରିଛି। ବେଳେ ଅପରପକ୍ଷେ ରେଣୁବାଳାଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଅନ୍ୟ ଏକ ମାମଲା(ନଂ.୨୫୯/୨୩) ରୁଜୁ କରି ନାରାୟଣ ସ୍ୱାଇଁଙ୍କ ସମେତ ୪ ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଥିବା ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ କହିଛନ୍ତି।

# ଭାପୁର ସାଂସ୍କୃତିକ କଳା ପରିଷଦ ଚାମ୍ପିୟନ




ନାଟ୍ୟ କଳାକାରମାନଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

ଭାପୁର,୨।୧୧(ଭରତ କୁମାର ବେହେରା )

**ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା**

ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଖୋର୍ଦ୍ଧା ଜିଲା ଗଡମାଣିତ୍ରୀ ଲୋକିପୁର ଗ୍ରାମରେ ତିନି ଦିନ ଧରି ଜିଲାସ୍ତରୀୟ ମୁକ୍ତମଞ୍ଚ ସାମାଜିକ ନାଟକ ପ୍ରତିଯୋଗିତା ମଞ୍ଚସ୍ଥ ହୋଇଥିଲା। ଏହି ପ୍ରତିଯୋଗିତାରେ ୩ ଦଳ ଭାଗ ନେଇଥିଲେ। ପ୍ରଥମ ଦଳ ଭାବେ କଟକ ଜିଲା ମାହାଙ୍ଗା ମା'ନାରାୟଣୀ ସାଂସ୍କୃତିକ ପରିଷଦ ମାଣିତ୍ରୀ ନାଟ୍ୟ ସଂସଦ ଦ୍ୱାରା ସାମାଜିକ ନାଟକ 'ମୋ ବର୍ଣ୍ଣବୋଧ ହଜିଯାଇଛି ' ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଦଳ ଭାବେ ଗୋବିନ୍ଦପୁର କୁଞ୍ଜାଙ୍ଗ ବ୍ଲକ ମା'ମଙ୍ଗଳା ନାଟ୍ୟ ସଂସଦ ଦାରା ନାଟକ 'ଲୁହ ନାହିଁ ଆଉ କାନ୍ଦିବା ପାଇଁ ' ମଞ୍ଚସ୍ଥ ହୋଇଥିଲା।

ସେହିପରି ତୃତୀୟ ଦଳ ଭାବେ ନୟାଗଡ଼ ଜିଲା ଭାପୁର ସାଂସ୍କୃତିକ କଳା ପରିଷଦ ଦ୍ୱାରା ସାମାଜିକ ନାଟକ 'ଗୁପ୍ତ ସମ୍ପର୍କ' ମଞ୍ଚସ୍ଥ ହୋଇଥିଲା। ଲୋକିପୁର ଗ୍ରାମବାସୀଙ୍କ ଦ୍ୱାରା ପ୍ରାୟୋଜିତ ଉତ୍ସବରେ ବିଚାରକମାନଙ୍କ ଦ୍ୱାରା ଭାପୁର ସାଂସ୍କୃତିକ କଳା ପରିଷଦ ମଞ୍ଚସ୍ଥ କରିଥିବା ନାଟକ ଗୁପ୍ତ ସମ୍ପର୍କ ଚାମ୍ପିୟନ ହୋଇଛି । ନାଟକ ମୋ ବର୍ଣ୍ଣବୋଧ ହଜିଯାଇଛି ରନର୍ସଅପ ହୋଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ନାଟ୍ୟକାର ନବଘନ ରାହୁଲଙ୍କ ରଚିତ ନାଟକ 'ଗୁପ୍ତ ସମ୍ପର୍କ 'ନାଟକକୁ ଅଧ୍ୟାପକ ଶ୍ରୀକାନ୍ତ ମଲିକ ନିର୍ଦ୍ଦେଶନା ଦେଇଥିବା ବେଳେ ମନୋରଞ୍ଜନ ସାହୁ ନିର୍ଦ୍ଦେଶନା ଦେଇଥିଲେ। ଭାପୁର ସାଂସ୍କୃତିକ କଳା ପରିଷଦ ଚାମ୍ପିୟାନ ହେବା ବ୍ୟତୀତ ଶ୍ରେଷ୍ଠ ଖଳନାୟକ, ଶ୍ରେଷ୍ଠ ଚରିତ୍ର ଅଭିନେତା, ଅଭିନେତ୍ରୀ, ହାସ୍ୟାଭିନେତା, ଡ୍ୟାନ୍ସ ଆଦି ୧୦ଟି ପୁରସ୍କାର ପାଇଛି।

### ରାସ୍ତାରେ ଗୃହ ନିର୍ମାଣକୁ ବିରୋଧ କରିବାରୁ ଆକ୍ରମଣ

ବେଲଗୁଣ୍ଠା,୨।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ କେ. ନୂଆଗଡ଼ ଗ୍ରାମର ଏକ ସାହି ରାସ୍ତା ଉପରେ ଗୃହ ନିର୍ମାଣକୁ ବିରୋଧ କରିବାରୁ ଜଣଙ୍କୁ ଆକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜୟରାମ ବରାଡ଼ଙ୍କୁ ଗିରଫ କରିଛି। ପ୍ରକାଶ ଯେ, ନୂଆଗଡ଼ର ଉପେନ୍ଦ୍ର ପ୍ରଧାନଙ୍କ ବାଡ଼ିପଟେ ଏକ ରାସ୍ତା ରହିଛି। ସେହି ରାସ୍ତାକୁ ମଡାଇ ଜୟରାମ ନିଜ ଘର ତିଆରି କରୁଥିବାରୁ ଉପେନ୍ଦ୍ର ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗୁରୁବାର ପାଟିତୁଣ୍ଡ ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ଜୟରାମ ଏକ ଶାବଳରେ ଉପେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଜୟରାମ ଏବଂ ତାଙ୍କ ନାତି ଉପେନ୍ଦ୍ରଙ୍କ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଗାଙ୍ଗପୁର ଥାନାରେ ଉପେନ୍ଦ୍ରଙ୍କ ଅଭିଯୋଗ ପ୍ରକାରେ ପୋଲିସ ୮୧୫/୨୩ ରେ ମାମଲା ରୁଜୁ କରିଥିଲା।

# ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ବ୍ରହ୍ମପୁର,୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)



ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଜଜ୍ ଗଣେଶ୍ୱର ପତି ଗୁରୁବାର ଚୂଡାନ୍ତ ରାୟ ଶୁଣାଇଛନ୍ତି। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଧରକୋଟ ଥାନା ଅଞ୍ଚଳର କ୍ରିଷ୍ଣା ପ୍ରଧାନ(୨୫)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧ ଲକ୍ଷ ୫୦୦ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧୦ ମାସ ୭ ଦିନ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ କୋର୍ଟ ପୀଡ଼ିତାଙ୍କୁ ସାଢେ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ଅଭିଯୁକ୍ତ କ୍ରିଷ୍ଣା ଭଲ ନୃତ୍ୟ କରୁଥିବାରୁ ୨୦୧୯ ଅକ୍ଟୋବର ୨୪ ତାରିଖରେ ଜଣେ ନାବାଳିକା ଶୁଭେଚ୍ଛା ଜଣାଇଥିଲେ। ପରେ କ୍ରିଷ୍ଣା ତାଙ୍କୁ ପ୍ରେମ ନିବେଦନ କରିଥିଲେ। ନାବାଳିକା ଜଣଙ୍କ ଏହାର ପ୍ରତିବାଦ କରିବାରୁ କ୍ରିଷ୍ଣା ନିଜ ଶରୀରର ବିଭିନ୍ନ ସ୍ଥାନକୁ ବ୍ଲେଡ଼ରେ କାଟିଦେଇଥିଲେ। ନାବାଳିକାଙ୍କୁ ସେ ଭୟଭୀତ କରି ବାଇକ୍‌ରେ ବ୍ରହ୍ମପୁର ଆଣିଥିଲେ। ସେଠାରୁ ଟ୍ରେନରେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ନେଇ ବିବାହ କରିଥିଲେ। ପରେ ନାବାଳିକାଙ୍କୁ ସୁରଟକୁ ନେଇଯାଇ ଏକ ଘରଭଡା ରଖି ଏକାଧିକ ଥର ବଳାତ୍କାର କରିଥିଲେ। କରୋନା ଲକ୍‌ଡାଉନ ବେଳେ ସୁରଟରୁ ଫେରି ପାଟପୁରର ଏସ.ଗୋପାଳପୁରରେ ଆଣି ରଖିଥିଲେ। ନାବାଳିକା ଜଣଙ୍କ କୌଶଳକ୍ରମେ ଚାଇଲ୍ଡ ଲାଇନ ସହ ଯୋଗାଯୋଗ କରିବାରୁ ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ଘଟଣା ସମ୍ପର୍କରେ ପାଟପୁର ଥାନାକୁ ଖବର ଦିଆଯାଇଥିଲା। ପୀଡ଼ିତାଙ୍କ ବୟାନ ଅନୁସାରେ ଧରକୋଟ ଥାନାରେ ଏକ ଅପହରଣ ଓ ବଳାତ୍କାର ମାମଲା (୧୬୭/୨୦) ରୁଜୁ ହୋଇଥିଲା। ଅଭିଯୋଗର ୨ ଦିନ ପରେ ପୋଲିସ ଅଭିଯୁକ୍ତ କ୍ରିଷ୍ଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ କ୍ରିଷ୍ଣା ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଗୁରୁବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବାରୁ ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରିଥିଲେ। ପୀଡ଼ିତାଙ୍କୁ ପରିବାର ଲୋକ ଗ୍ରହଣ ନ କରିବାରୁ ଉଦ୍ଧାର ପରଠାରୁ ସେ ଉତ୍କଳ ବାଳାଶ୍ରମରେ ରହିଥିବା କୋର୍ଟ ସୂତ୍ରରୁ ସୂଚନା ମିଳିଛି।

### ସିଟି ମହାବିଦ୍ୟାଳୟ ଟିମ୍‌ର ବୁଗୁଡ଼ା ଯାତ୍ରା

ବ୍ରହ୍ମପୁର,୨।୧୧(ତନୁଶ୍ରୀ ନାହାକ)

ବୁଗୁଡ଼ା ପିପୁଲ୍ସ କଲେଜ ପଡ଼ିଆରେ ଶୁକ୍ରବାରଠାରୁ ୫ ତାରିଖ ପର୍ଯ୍ୟନ୍ତ ଇଣ୍ଟର କଲେଜ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଗୁରୁବାର ଆମ୍ବପୁଆ ସିଟି ମହାବିଦ୍ୟାଳୟରୁ ୧୦ଜଣ ପ୍ରତିଯୋଗୀ କଲେଜ ଅଧ୍ୟକ୍ଷା ଅନୀତା ପଣ୍ଡାଙ୍କ ଉପସ୍ଥିତିରେ ବୁଗୁଡ଼ା ଅଭିମୁଖେ ଯାତ୍ରା କରିଛନ୍ତି।



ଗଞ୍ଜାମ ବଡବଜାରରେ ଗଜଲକ୍ଷ୍ମୀପୂଜା



ଛତ୍ରପୁରରେ ଆୟୋଜିତ ଗଜଲକ୍ଷ୍ମୀ ପୂଜାରେ ଜିଲାପାଳ, ଏସ୍‌ପିଙ୍କ ଯୋଗଦାନ ।

# ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରସ୍ତୁତି ବୈଠକ

ଗୁମ୍ମା,୨।୧୧(ପ୍ରବୀଣ କୁମାର ଲିମା)

୬ ତାରିଖରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ରହିଛି। ଏହିପରିପ୍ରେକ୍ଷୀରେ ଗୁମ୍ମା ବ୍ଲକର ସଭାଗୃହରେ ଗୁରୁବାର ଆନୁଷ୍ଠାନିକ ଭାବେ ଆମ ଓଡିଶା ନବୀନ ଓଡ଼ିଶା ପ୍ରସ୍ତୁତି ବୈଠକ ହୋଇଥିଲା। କାର୍ଯ୍ୟକ୍ରମରେ ୨୦ ପଞ୍ଚାୟତର ଜନ ପ୍ରତିନିଧି ତଥା ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ୱାର୍ଡମେମ୍ବର ମାନଙ୍କୁ ଆହ୍ୱାନ କରିଥିଲେ। ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ, ଏହି କାର୍ଯ୍ୟକ୍ରମକୁ ନେଇ ଏକ ପ୍ରସ୍ତୁତି ବୈଠକର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଏସ ଶ୍ରୀ ନିବାସ ରାଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରଥ କୁମାର ପାତ୍ର, ତହସିଲଦାର ଜୟଦ୍ରବ୍ୟ ଆଚାର୍ଯ୍ୟ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ସେରଙ୍ଗ ଥାନା ଅଧିକାରୀ ଅଶୋକ କୁମାର ହାଂଶଦା, ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତ ଥିଲେ। ସେହିପରି ଗୁମ୍ମା ବ୍ଲକ କଲ୍ୟାଣ ମଣ୍ଡପରେ ବିଜେଡିର ଆମ ଓଡିଶା ନବୀନ ଓଡ଼ିଶା ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ବିଜେଡ଼ି ସଭାପତି ଜଗବନ୍ଧୁ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଭୁଷନ ମହାନ୍ତି, ଇଁ ରୁପେଶ୍ ପାଣଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଏସ ଶ୍ରୀ ନିବାସ ରାଓ, ଷ୍ଟେଟ୍ ସେକ୍ରେଟାରୀ ମାରୁତ ପାଳ, ବ୍ଲକ ସଭାପତି ଆଗୋଷ୍ଟସ ଗମାଙ୍ଗୋ, ଆପା ରାଓ ଏବଂ ନିରୋଜ୍ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜି.ଉଦୟଗିରି,୨।୧୧ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ଡକେଡି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା କବିତା କୁମାରୀ ପଟ୍ଟନାୟକ ମଙ୍ଗଳବାର ଅବସର ନେଇଛନ୍ତି। ତାଙ୍କୁ ସ୍କୁଲ ଓ ନାଗରିକମାନଙ୍କ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଏବିଇଓ ମିହିର କାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ, ବୈକୁଣ୍ଠ ନାଥ ସାହୁ, ଲୋକନାଥ ବାରିକ, ପରିଚାଳନା କମିଟି ସଭାପତି ସୁଯୋଗାନନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପଟ୍ଟନାୟକ ଜଣେ ସୁଲେଖିକା, କବୟିତ୍ରୀ ଓ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଥିଲେ ବୋଲି ବକ୍ତାମାନେ କହିଥିଲେ। ସିଆରସିସି ବିଦେଶି ନାୟକ ସଭା ପରିଚାଳନା କରିଥିଲେ।



ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ଅବ୍ୟବସ୍ଥା ଘେରରେ ପ୍ରାଥମିକ ବିଦ୍ୟାଳୟ

ରାୟଗଡ଼(ଗଜପତି)୨।୧୧
(ଜ୍ୟୋତି ପ୍ରସାଦ ପାଣି )



ଅବ୍ୟବସ୍ଥା ଘେରରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ। କୋମଳମତି ପିଲାମାନେ ଏକ ସୁସ୍ଥ ବାତାବରଣ ଓ ନିରାପଦ ଶ୍ରେଣୀ ଗୃହରେ ବସି ପାଠ ପଢି ନିଜ ବିଦ୍ୟା ଅର୍ଜନ କରନ୍ତୁ। ସେମାନେ ସ୍ମାର୍ଟ ଶ୍ରେଣୀରେ ବସି ପାଠ ପଢି ସ୍ମାର୍ଟ ହୁଅନ୍ତୁ ବୋଲି ୫-ଟି ଜରିଆରେ ଅନେକ ଶିକ୍ଷା ଅନୁଷ୍ଠାନର ଚିତ୍ର ବଦଳାଇ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ। ଛାତ୍ରୀଛାତ୍ର ବସିବାକୁ ଜାଗା ନାହିଁ, କିଏ କୋଠାରୀରେ ବସୁଛନ୍ତି ତ ଆଉ କିଏ ବାରଣ୍ଡାରେ। ସେହିପରି କିଏ ଭଙ୍ଗା କୁଡିଆରେ ବସି ପାଠ ପଢୁଛନ୍ତି। ବର୍ଷା ହେଲେ ପାଠ ପଢ଼ା ବନ୍ଦ। ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ଚିତ୍ର ଗଜପତି ଜିଲା ରାୟଗଡ଼ ବ୍ଲକ ଅଧିନ ଲୋବା ପଞ୍ଚାୟତ ତାଲାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଦେଖିବାକୁ ମିଳିଛି। ବିଦ୍ୟାଳୟକୁ ଦେଖିଲେ ତାହା ପୁରାତନ କାଳର ମୁନି ଋଷିଙ୍କ ଆଶ୍ରମକୁ ଶିକ୍ଷା ଗ୍ରହଣ କରିବାକୁ ପିଲାମାନେ ଆସିଥିବା ଭଳି ଅନୁମାନ ହେଉଛି। ଶ୍ରେଣୀ ଗୃହ ନଥିବାରୁ ପିଲାମାନେ ଗାଁ ଲୋକଙ୍କ ଦ୍ୱାରା ନିର୍ମିତ ଝାଟିମାଟି ଘରେ ବସି ପାଠ ପଢୁଛନ୍ତି। ଫଳରେ ଅଭିଭାବକ ମହଲରେ ଅନେକ ଅସନ୍ତୋଷ ଦେଖାଦେବା ସହ ଏହି ପ୍ରକାର ବିକଳ ଚିତ୍ରରୁ ପିଲାଙ୍କୁ ମୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

ପ୍ରକାଶ ଯେ, ୧୯୫୯ରେ ତାଲାସାହିଗ୍ରାମରେ ଏହି ପ୍ରାଥମିକ ବିଦ୍ୟାଳୟଟି ସ୍ଥାପିତ ହୋଇଛି। ଭ୍ରମରସିଂ, ତମରେଙ୍ଗ, ମାଧେପୁର ଏବଂ ତାଲାସାହି ଆଦି ଗ୍ରାମର ଛାତ୍ରୀଛାତ୍ରମାନେ ଉକ୍ତ ବିଦ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପ୍ରାୟ ୫୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢାଇବାକୁ ନିୟୋଜିତ ହୋଇଛନ୍ତି। ତେବେ ପିଲାମାନେ ବସି ପାଠ ପଢ଼ିବାକୁ ଗୋଟିଏ ମାତ୍ର ଶ୍ରେଣୀ ଗୃହ ରହିଛି। ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ପାଠ ପଢ଼ାରେ ବାଧା ସୃଷ୍ଟି ହେଉଛି ଓ ଦୀର୍ଘ ବର୍ଷ ହେବ ଏପରି ସମସ୍ୟା ଭୋଗୁଛନ୍ତି ଛାତ୍ରୀଛାତ୍ର। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ପାଞ୍ଚଟି ଶ୍ରେଣୀକୁ ଗୋଟିଏ କୋଠରୀ ଥିବା ବେଳେ ପାଠ ପଢ଼ା ପାଇଁ ଶିକ୍ଷକମାନେ ସ୍କୁଲ ବାରଣ୍ଡା ଓ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କୁଡ଼ିଆକୁ ଶ୍ରେଣୀ ଗୃହ ଭାବେ ବ୍ୟବହାର କରି ଆସୁଛନ୍ତି। ଫଳରେ ଶିକ୍ଷାରେ ଅନେକ ବାଧାପ୍ରାପ୍ତ ହୋଇଛି ଓ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ବହୁବାର ଜିଲାପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନଙ୍କୁ ଗୁହାରି କଲେ ମଧ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଗ୍ରାମବାସୀ ବାଧହୋଇ ନିଜେ ଶ୍ରମଦାନ କରି ଏକ ଚାଳ ଛପର କୁଡିଆ ଘର ତିଆରି କରିଥିବା କହିଛନ୍ତି। ତେବେ ତୁରନ୍ତ ଉକ୍ତ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ କରିବା ପାଇଁ ପଦ୍ମଚରଣ ଭୂୟାଁ, ଲୋଚନ ମଣ୍ଡଳ, ବାଲାଜୀ ଗମାଙ୍ଗ, ମଞ୍ଜୁଳା ମଣ୍ଡଳ, ମମତା ଭୂୟାଁଙ୍କ ସମେତ ଅଭିଭାବକ, ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ଉକ୍ତ ସମସ୍ୟା ମୋ ନଜରକୁ ଆସିନାହିଁ। ଶୀଘ୍ର ସେଠାରେ ଆଉ ଏକ ଶ୍ରେଣୀ ଗୃହ ନିର୍ମାଣ କରାଯିବ ଏବଂ ଅନ୍ୟ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

# ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମୁଛି

**ଯାଜପୁର,୨।୧୧(ହର୍ଷବର୍ଦ୍ଧନ ବେହେରା):**

ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହେଉଛି । ଐତିହାସିକ, ପ୍ରାକୃତିକ, ସାଂସ୍କୃତିକ, ଧାର୍ମିକ ଆଦି କିମ୍ବଦନ୍ତୀ ବହନ କରୁଥିବା ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପର୍ଯ୍ୟଟକଙ୍କ ଆଗମନ ହେଉଛି । ହେଲେ ଉପଯୁକ୍ତ ଭାବେ ପ୍ରଚାରପ୍ରସାର ଅଭାବରୁ ଅନେକ ପର୍ଯ୍ୟଟନସ୍ଥଳୀ ଜନମାନସରୁ ବହୁ ଦୂରରେ ରହିଛି। ଏହାବାଦ୍ ଏଠାକୁ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁରକ୍ଷା ଉପରେ ପୂର୍ବରୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିକ୍ରମରେ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଆଗମନ ରିପୋର୍ଟକୁ ଅବଲୋକନ କଲେ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଉଥିବା ସ୍ପଷ୍ଟ ହେଉଛି। କରୋନା ପରେ ବି ବିଦେଶୀ ପର୍ଯ୍ୟଟକଙ୍କ ହ୍ରାସ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି, ଯାହାକି ପର୍ଯ୍ୟଟନ କ୍ଷେତ୍ର ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ବିପନ୍ନ ହୋଇଥିବା ମତପ୍ରକାଶ ପାଇଛି।

ଓଡ଼ିଶାରେ ପ୍ରାୟ ସମସ୍ତ ଜିଲାରେ ଭରପୂର ପର୍ଯ୍ୟଟନ ସମ୍ବଳ ରହିଛି । ହେଲେ ଓଡ଼ିଶାର ପର୍ଯ୍ୟଟନ ସମ୍ବଳ ଦେଶ ତଥା ଅନ୍ତର୍ଜାତୀୟସ୍ତରରେ ପ୍ରଚାର ପ୍ରସାରରୁ ବଞ୍ଚିତ ରହିଛି । ଏହି କାରଣରୁ କୋଣାର୍କ ମନ୍ଦିର, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ଚିଲିକା ହ୍ରଦ ଏବଂ ବିସ୍ତୃତ ବେଳାଭୂମି ବ୍ୟତୀତ ଓଡ଼ିଶାର ପର୍ଯ୍ୟଟନ ସମ୍ବଳ ଏବେବି ବିଶେଷ ପ୍ରଚାରିତ ଓ ପ୍ରସାରିତ ହୋଇ ନ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିନାହିଁ । ବର୍ତ୍ତମାନ କେତେକ ପର୍ଯ୍ୟଟନସ୍ଥଳିର



ପର୍ଯ୍ୟଟନ କ୍ଷେତ୍ର ମା’ ବିରଜା ମନ୍ଦିର

ସୌନ୍ଦର୍ଯ୍ୟକରଣ ସହିତ ବିକାଶ ହେଉଛି ସତ ହେଲେ ନିର୍ମାଣରେ ସ୍ୱଚ୍ଛତା ଅବଲମ୍ବନ ହେଉ ନ ଥିବାରୁ ସେଗୁଡିକର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନ ଉଠିଛି। ଏଠାରେ ଯାଜପୁର ଜିଲାର ବ୍ୟାସସରୋବରକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ପର୍ଯ୍ୟଟନସ୍ଥଳୀ ନିକଟରେ ପ୍ରବାହିତ ଗଣ୍ଡାନାଳରେ ଆବଶ୍ୟକ ସୁରକ୍ଷା ପାଚେରୀ ନିର୍ମାଣ କରା ନ ଗଲେ ୬୪ କୋଟି ଟଙ୍କାର ବ୍ୟାସସରୋବର ପ୍ରକଳ୍ପ ବନ୍ୟା ପାଣିରେ ବୁଡିଯିବ ବୋଲି ମତପ୍ରକାଶ ପାଉଛି। ଓଡ଼ିଶାରେ ପ୍ରାକ ଐତିହାସିକ ଶିଳାଲିପିଠାରୁ ଆରମ୍ଭ କରି ବୌଦ୍ଧ ଯୁଗର ମଠ, ମନ୍ଦିର, ପ୍ରାକୃତିକ ଜଙ୍ଗଲ, ପ୍ରପାତ, ଐତିହାସିକ କୀର୍ତ୍ତିରାଜି ରହିଛି । ସେଥିରେ ପୁଣି ଯୋଡି ହୋଇଛି ହୀରାକୁଦ ଡ୍ୟାମ ଭଳି ଦୀର୍ଘତମ ମାଟିବନ୍ଧ । ଅଞ୍ଚଳର ବୟନ ଓ ଅନ୍ୟ ହସ୍ତକଳା ତଥା ଏହାର କଳାକାରମାନେ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଯୋଗ୍ୟତା ରଖିଛନ୍ତି । ହେଲେ କେବଳ କରୋନା ନୁହେଁ ପ୍ରଶାସନିକ ଉଦାସୀନତା ମଧ୍ୟ ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚ୍ୟ ହେଉଛି । ଏଠାକାର ସଂସ୍କୃତି, କଳା, ସାହିତ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ଯେତେ ସମୃଦ୍ଧ ସେହି ଅନୁପାତରେ ରାଜ୍ୟ ଓ ଦେଶ ବାହାରେ ସେତେ ସୁପରିଚିତ । କିନ୍ତୁ ବିଡମ୍ବନା ଯେ, ଏହିସବୁର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପର୍ଯ୍ୟଟନ ବିଭାଗ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ବାହାର ପର୍ଯ୍ୟଟକଙ୍କ ମୁହଁରେ ବଦନାମ ହେବାକୁ ପଡୁଥିବା ଶୁଣିବାକୁ ମିଳୁଛି। ଏହାସହ ପଶ୍ଚିମଓଡିଶାର ବିଭିନ୍ନ ଜିଲାରେ ଦୁର୍ଗମ ଘଞ୍ଚ ଜଙ୍ଗଲ ପଥ ଅତିକ୍ରମ କରି ହରିଶଙ୍କର, ନୃସିଂହନାଥ, ପଟୋରା, ଚଉଷଠି ଯୋଗିନୀ, ସମଲେଶ୍ୱରୀ ମନ୍ଦିର ଇତ୍ୟାଦି ରହିଛି। ହେଲେ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ହେଉଛି। ଏହିକ୍ରମରେ ଓଡ଼ିଶା ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଏଲୋରା ଭାରତୀ ଜେନା ଜିଲସ୍ତରୀୟ ପର୍ଯ୍ୟଟକଙ୍କ ଆଗମନ ରିପୋର୍ଟ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି।

| ପର୍ଯ୍ୟଟନସ୍ଥଳୀ | ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା | | | |
|---|---|---|---|---|
| | ୨୦୧୯ | ୨୦୨୦ | ୨୦୨୧ | ୨୦୨୨ |
| ପୁରୀ(ହୋଟେଲ ଆକ୍ୟୁପେନ୍ସି) | ୩୭୫୩୪ | ୨୮୩୮ | ୧୯୦ | ୪୫୯୫ |
| ଦିନ ବେଳା ପର୍ଯ୍ୟଟକ | ୩୭୫୩୪ | ୩୦୭୧ | ୪୦୦ | ୫୧୪୦ |
| କୋଣାର୍କ(ଏଏସଆଇ ଟିକେଟ) | ୫୬୭୦ | ୧୯୯୪ | ୧୩୧ | ୧୬୦୭ |
| ଚିଲିକା(ସାତପଡା) | ୧୫୪୫ | ୬୭୭ | ୦୦ | ୦୦ |
| ହରିଶଙ୍କର | ୫୫ | ୦୦ | ୦୦ | ୦୦ |
| ବଲାଙ୍ଗୀର | ୨୩୭ | ୦୯ | ୦୦ | ୬୬ |
| ଲଳିତଗିରି | ୩୬୭ | ୧୮୬ | ୦୫ | ୪୨ |
| ଚାନ୍ଦିପୁର | ୨୯୭ | ୦୮ | ୫୦ | ୮୦ |
| ବାଲେଶ୍ୱର | ୫୫୨ | ୧୮୧ | ୬୩ | ୧୨୪ |
| ବରଗଡ | ୩୦୪ | ୦୧ | ୦୦ | ୨୭ |
| ଭଦ୍ରକ | ୫୪୨ | ୮୮ | ୦୦ | ୧୫୦ |
| ଗୋପାଳପୁର | ୧୮୧୩ | ୨୮୦ | ୦୦ | ୦୦ |
| ପାରାଦୀପ | ୨୩୯୪ | ୧୭୨ | ୦୦ | ୧୩୬୫ |
| ଉଦୟଗିରି ଓ ରତ୍ନଗିରି | ୧୦୪୧ | ୨୪୩ | ୦୮ | ୨୩ |
| ଯାଜପୁର | ୧୨୨୧ | ୭୩ | ୪୧ | ୨୬୧ |
| ଝାରସୁଗୁଡା | ୫୧୭୦ | ୧୫୮ | ୧୨ | ୧୨୪୩ |
| ଭିତରକନିକା | ୨୭୨ | ୧୦୧ | ୦୦ | ୩୫ |
| ଧଉଳି | ୧୧୬୨୫ | ୨୬୩୧ | ୧୯୭ | ୨୬୮୭ |
| ଖଣ୍ଡଗିରି ଓ ଉଦୟଗିରି | ୩୧୮୪ | ୭୮୭ | ୪୨ | ୭୭୬ |
| ନନ୍ଦନକାନନ | ୧୧୫୮ | ୪୦୬ | ୨୮୪ | ୧୧୨୬ |
| ଚିଲିକା(ବରକୁଲ) | ୨୧୪୬ | ୬୧୩ | ୬୪ | ୨୨୩ |
| ଡୁଡୁମା | ୧୨୮୭ | ୨୯୩ | ୦୦ | ୧୯୯ |
| ସିମିଲିପାଲ | ୨୪ | ୪୯ | ୦୧ | ୧୪ |
| ରାୟଗଡା ହାତୀପଥର | ୨୫୯୮ | ୧୮୮ | ୦୦ | ୩୭୨ |
| ସମ୍ବଲପୁର | ୧୩୩୦ | ୬୦ | ୦୦ | ୨୯୨ |
| ରାଉରକେଲା | ୫୦୬୫ | ୧୧୮ | ୨୨୫ | ୭୬୮ |

# କୁସଂସ୍କାର ଲୋପ ଲାଗି ସାହିତ୍ୟ ଶିକ୍ଷା ଦିଏ

## ବାଲିଘର ପକ୍ଷରୁ ସାହିତ୍ୟ ଆସର, କବିତା ପାଠୋତ୍ସବ ଅନୁଷ୍ଠିତ

**ତିର୍ତ୍ତୋଲ, ୨।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)**

ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ଫାଉଣ୍ଡେଶନ ପକ୍ଷରୁ ଜଗନ୍ନାଥପୁର ପଞ୍ଚାୟତର ଖଡ଼ଗପୁରସ୍ଥିତ ଲକ୍ଷ୍ମୀ ନୃସିଂହନାଥ ମନ୍ଦିର ପରିସରରେ ଗୁରୁବାର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ଅମର ଜ୍ୟୋତି ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅତିରିକ୍ତ ଜିଲାପାଳ ନାରାୟଣ ନାୟକ ଯୋଗଦେଇ ସମାଜରେ କୁସଂସ୍କାର ଓ ସ୍ୱେଚ୍ଛାଚାରିତାର ବିଲୋପ ଲାଗି ସାହିତ୍ୟ ସମାଜକୁ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପାଲାଗାୟକ ନାରାୟଣ ମହାରଣା, ଅନ୍ୟତମ ଅତିଥି ପଣ୍ଡିତ ଭାଗବତ ପ୍ରସାଦ କର, ପାଲାଗାୟକ ପ୍ରବୋଧ କୁମାର ରଥଶର୍ମା, ସୁସାହିତ୍ୟିକ ଜଗନ୍ନାଥ କର, ଗାୟକ ବିଜୟ କୁମାର ଦାସ, ପଣ୍ଡିତ ସୁଦର୍ଶନ କର, ଗରାମ ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ତପନ କୁମାର ସାମନ୍ତରାୟ, ଅବସରପ୍ରାପ୍ତ ସ୍ଥଳସେନା ଅଧିକାରୀ ଭଞ୍ଜକିଶୋର ବେଉରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଆଲୋକ କୁମାର ମହାପାତ୍ର, ଗାୟକ କୈଳାସ ଚନ୍ଦ୍ର ଜେନା, କବି ରବିନାରାୟଣ ପଣ୍ଡା, ଅବସରପ୍ରାପ୍ତ ସିଆର୍‌ପିଏଫ୍ ଅଧିକାରୀ ସୁରେଶ ଚନ୍ଦ୍ର ଯୋଗାଣିଆ, ଅଶୋକ କୁମାର ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ଯଦୁମଣି ଦାସ, ଶିକ୍ଷାବିତ ନିତ୍ୟାନନ୍ଦ ନାୟକ, ପ୍ରଭାତ କୁମାର ରଥ, ସମାଜିକ କର୍ମୀ କିଶୋର କୁମାର ଦାସ ପ୍ରମୁଖ ଯୋଗଦେଇ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ସୁନାମଧନ୍ୟ ସାହିତ୍ୟିକ, ବାଗ୍ମୀ, ବିଶିଷ୍ଟ ପାଲାଗୁରୁ ଓ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଧନେଶ୍ୱର ନନ୍ଦଙ୍କୁ ଆଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ବ୍ୟକ୍ତି ବିଶେଷ ମଧ ଏହି ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୬୦ଜଣରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସାମାଜିକ କର୍ମୀ ବିଜୟ କୁମାର ଖଟେଇ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଧନେଶ୍ୱର ନନ୍ଦଙ୍କୁ ଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଉଛି ।

# ମୃତଦେହ ଗ୍ରହଣ କଲେନି ପରିବାର

- ଦଳିତ ଝିଅକୁ ବିବାହକୁ ନେଇ ବିବାଦ
- ଗାଁରେ ଉତ୍ତେଜନା, ଘଟଣାସ୍ଥଳରେ ପୋଲିସ ମୁତୟନ

**ରସୁଲପୁର,୨।୧୧(ରଞ୍ଜିତ ରାଉତ):**

କୁଆଖିଆ ଥାନା ବଡ଼କଇଞ୍ଚ ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ନବଘନ ରଥ(୪୫)ଙ୍କ ଭୁବନେଶ୍ୱରଠାରେ ଗୁରୁବାର ଅକାଳ ବିୟୋଗ ହୋଇଛି। ତାଙ୍କ ମରଶରୀରକୁ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଆଣି ତାଙ୍କ ଘରେ ପହଞ୍ଚାଇଛନ୍ତି। ହେଲେ ପରିବାର ଲୋକେ ମୃତଦେହ ଗ୍ରହଣ କରିନାହାନ୍ତି। ପରିବାର ଲୋକଙ୍କ ଏପରି ଆଭିମୁଖ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ପହଞ୍ଚି ମୃତବ୍ୟକ୍ତିଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛି। ମାତ୍ର ୧୫ବର୍ଷ ହେଲା ତାଙ୍କ ପରିବାର ସହ ମୃତ ବ୍ୟକ୍ତିଙ୍କ ସମ୍ପର୍କ ନାହିଁ। ମା’ ବାପା ମରିଯିବା ପରେ ନବଘନ ସେମାନଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେଇ ନ ଥିଲେ। ସେବେଠାରୁ ପରିବାର ଲୋକେ ତାଙ୍କୁ ଶୁଦ୍ଧି ହୋଇପଡିବା ସହ ସମସ୍ତ ସମ୍ପର୍କ ଛିନ୍ନ କରିଦେଇଛନ୍ତି। ସେମାନେ ଭାଇଙ୍କ ଶବକୁ ଗ୍ରହଣ କରିବାକୁ ଅରାଜି ହୋଇଛନ୍ତି ବୋଲି କହିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ବିବାଦ ତୁଟି ନ ଥିବାରୁ ମୃତଦେହ ସତ୍କାର ହୋଇପାରିନାହିଁ। ମୃତଦେହକୁ ଅସମ୍ମାନ କରାଯାଇଛି ବୋଲି ଅଭିଯୋଗ ହେଉଛି। ଅପ୍ରିତିକର ପରିସ୍ଥିତିକୁ ଟାଳିବା ପାଇଁ ପୋଲିସ ମୁତୟନ କରାଯାଇଛି।

ସୂଚନା ମୁତାବକ, ୧୭ବର୍ଷ ତଳେ ନବଘନ ସ୍ଥାନୀୟ ଅଞ୍ଚଳର ଜଣେ ଦଳିତ ଝିଅଙ୍କୁ ବିବାହ କରିଥିଲେ। ସେବେଠାରୁ ସେ ତାଙ୍କ ସ୍ତ୍ରୀ ଓ ପିଲାଙ୍କ ସହ ଭୁବନେଶ୍ୱରରେ ରହି ଆସୁଥିଲେ। ନବଘନଙ୍କର ପରିବାର କହିଲେ ସ୍ତ୍ରୀ, ୧୩ବର୍ଷ ଝିଅ ଓ ୯ବର୍ଷର ପୁଅ। କିଛି ବର୍ଷ ହେବ ନବଘନ ଯକୃତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଗୁରୁବାର ସକାଳେ ତାଙ୍କର ବିୟୋଗ ପରେ ସ୍ତ୍ରୀ ମମତା ତରେଇ ଗାଁ ଲୋକଙ୍କ ସହାୟତାରେ ସ୍ୱାମୀଙ୍କ ମୃତଦେହ ଗାଁକୁ ଆଣିଥିଲେ। ଏହାଜାଣି ନବଘନଙ୍କ ପରିବାରର ପୁରୁଷ ଲୋକମାନେ ବାହାରକୁ ପଳାଇ ଯାଇଥିଲେ। ମହିଳାମାନେ ଘରେ କବାଟକିଳି ରହିଥିଲେ। କେହି ଜଣେ ହେଲେ ପଦାକୁ ଆସି ନ ଥିଲେ। ସମୟ ଅତିକ୍ରାନ୍ତେ ଗାଁ ଲୋକଙ୍କ ଭିଡ଼ ଜମିଥିଲା। ଏସ୍‌ଆଇ ଅନିତା ପ୍ରଧାନଙ୍କ ସହ ପୋଲିସ ଟିମ୍ ପହଞ୍ଚି ମୃତ ବ୍ୟକ୍ତିର ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ପୋଲିସ କଥାକୁ ସେମାନେ ଗୁରୁତ୍ୱ ଦେଇ ନ ଥିଲେ। ତେବେ ଏହି ଘଟଣା କେଉଁ ମୋଡ଼ ନେଉଛି, ଆଉ ପୋଲିସ ପକ୍ଷରୁ କ’ଣ ପଦକ୍ଷେପ ନିଆଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୂର୍ଯ୍ୟକାନ୍ତ



@ ତାପସ



@ ପ୍ରଭଞ୍ଜନ



@ ପବିତ୍ର



@ ସୂର୍ଯ୍ୟସ୍ନାତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଲିଘାଟକୁ ବିରୋଧ ଘଟଣାରେ ଜଣେ ଗିରଫ

**ଯାଜପୁର ଟାଉନ,୨।୧୧(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଯାଜପୁର ତହସିଲ ଅଧୀନ କମଳପୁର ଓ ବନ୍ଧମୁଣ୍ଡା ବାଲିଘାଟରୁ ବେଆଇନ ବାଲି ପରିବହନକୁ ବିରୋଧ କରି ବୁଧବାର ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ହାଇୱାରୁ ବାଲିକାଢ଼ି ରାସ୍ତାରେ ଢାଳିଦେବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଭାଜପା ଯୁବମୋର୍ଚ୍ଚା କର୍ମୀ ହୃଷୀକେଶ ପରିଡ଼ା। ଭାଜପା କର୍ମୀ ବାଲି ଢାଳିବା ସହିତ ଘାଟରେ ଥିବା ପ୍ରୋକ୍ଲିନ୍ ମେଶିନକୁ ଭଙ୍ଗାରୁଜା କରିଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଭାଜପା କର୍ମୀଙ୍କୁ ତଡିଦେଇଥିଲେ। ପରେ ବାଲିଘାଟ ନିଲାମଧାରୀଙ୍କ ଏତଲା ଅନୁଯାୟୀ ଯାଜପୁର ପୋଲିସ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସଂଗ୍ରାମ କେଶରୀ ପାତ୍ରଙ୍କ ନାମରେ ୩ ମାମଲା ରୁଜୁ କରିଥିଲା। ଉପରୋକ୍ତ ଘାଟରୁ ଓଭରଲୋଡିଂ କରି ବାଲି ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଯାଉଛି। ଫଳରେ ରାସ୍ତା ଶୋଚନୀୟ ହୋଇପଡିଛି।

# ବାଲିଭଉଁରି-ଶିଖରଘାଟ ରାସ୍ତାରେ ଖାଲ

**ନାଉଗାଁ,୨।୧୧(ସୁଧା ବେହୁରା)**

ନାଉଗାଁ ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ହେଉଛି ବାଲିଭଉଁରି-ଶିଖରଘାଟ ରାସ୍ତା। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଇଛି।

ଏହି ରାସ୍ତା ଦେଇ ପ୍ରତ୍ୟହ ଭାରିଯାନଠାରୁ ଆରମ୍ଭ କରି ଯାତ୍ରିବାହୀ ଓ ଅନ୍ୟ ଗାଡି ମୋଟର ଯିବା ଆସିବା କରିଥାଏ। ରାସ୍ତାଟି ବିଶେଷ କରି ପୁରୀ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନକୁ ଯିବା ପାଇଁ ସୁବିଧା ହେଉଥିବାରୁ ଉକ୍ତ ଜିଲାର ଜନସାଧାରଣ ଏହି ବାଟ ଦେଇ ପ୍ରାୟତଃ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଯିବା ଆସିବା ପାଇଁ ରାସ୍ତାଟିର ବେଶ୍ ଗୁରୁତ୍ୱ ରହିଥିବା ବେଳେ ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ଥିବା ଖାଲକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମାସେ ତଳେ ମରାମତି କରାଯାଇଥିଲା। କିନ୍ତୁ ନିମ୍ନମାନର କାମ ଯୋଗୁ ମାସକ ପରେ ପୁଣି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ଦାନ୍ତୁଆଳ-ଖଇରା, ଘୋଡାଂଶ-ପାଲସାହି ଓ ବ୍ଲକ ଛକ ନିକଟରେ ଏହି ଖାଲ ସୃଷ୍ଟି ହୋଇଛି। ରାସ୍ତାରେ ଖାଲ ସୃଷ୍ଟି ହୋଇଥିବାରୁ ଭାରିଯାନ, ଯାତ୍ରୀବାହୀ ଯାନ ଯିବା ଆସିବା କରିବା ଫଳରେ ଉକ୍ତ ଖାଲ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯଦି ଅସାବଧାନତା ବଶତଃ କୌଣସି ଗାଡି ଆସୁଥିବ ତେବେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ତେଣୁ ଉକ୍ତ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲକୁ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ ଯଥାଶୀଘ୍ର ଖାଲ ହୋଇଥିବା ସ୍ଥାନ କାମ କରାଯିବ ବୋଲି ସେ କହିଛନ୍ତି।



ରାସ୍ତାରେ ସୃଷ୍ଟି ହୋଇଥିବା ଗାତ।

# ଚାଷୀଙ୍କ ନିଦ ହଜାଉଛି ଜଙ୍ଗଲୀ ବାରହା

- ଧାନ ଓ ପନିପରିବା ଚାଷ ନଷ୍ଟ କରୁଛନ୍ତି
- ଆପ୍ ମାଧ୍ୟମରେ ଅଭିଯୋଗ କଲେ ମିଳୁଛି କ୍ଷତିପୂରଣ

**କେନ୍ଦ୍ରାପଡ଼ା,୨।୧୧(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଉପାନ୍ତ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଉତ୍ପାତ ବଢ଼ିଯାଇଛି । ଜିଲାର ମହାକାଳପଡ଼ା, ରାଜନଗର, ରାଜକନିକା ଆଦି ବ୍ଲକ ଅଞ୍ଚଳରେ ପାଚିଲା ଧାନ ଫସଲ ଓ ପନିପରିବାକୁ ନଷ୍ଟ କରୁଛନ୍ତି। ବନ୍ୟଜନ୍ତୁଙ୍କ ଏହି ଉତ୍ପାତ ସ୍ଥାନୀୟ ଅଧିବାସୀଙ୍କ ନିଦ ହଜାଇ ଦେଇଛି । ସ୍ତ୍ରୀ ପୁରୁଷମାନେ ମେଳି କରି ରାତି ଅନିଦ୍ରା ହୋଇ ଫସଲ ଜଗୁଛନ୍ତି। ଏପରି ସ୍ଥିତିରେ ଋଣ ଶୁଝିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି ବନ୍ୟ ଘୁଷୁରି(ବାର୍‌ହା)ଙ୍କ ଭୟ ସର୍ବଦା ଲାଗିରହୁଛି । ଅପରପକ୍ଷେ ବନ ବିଭାଗ ପକ୍ଷରୁ କୁହାଯାଉଛି, ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅନୁକମ୍ପା ଆପ୍ ମାଧ୍ୟମରେ ଅଭିଯୋଗ କଲେ କ୍ଷତିପୂରଣ ମିଳୁଛି ।

ଏ ସଂକ୍ରାନ୍ତରେ ଜୟନଗର ଗ୍ରାମର ହାଡିବନ୍ଧୁ ପ୍ରଧାନ କହିଛନ୍ତି, ଭିତରକନିକା ଜାତୀୟ ଉଦ୍ୟାନରେ ବାର୍‌ହା ଓ ହରିଣଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଛି । ବନାଞ୍ଚଳକୁ ଡେଇଁ ଚାଷୀଙ୍କ କ୍ଷେତରେ ଏହି ବନ୍ୟଜନ୍ତୁ ପଶୁଛନ୍ତି । ଏବେ ବିଅଲି ଧାନ ପାଚିବା ପରେ କ୍ଷେତରୁ ଅମଳ ଆରମ୍ଭ ହୋଇଯାଇଛି । ସେହିପରି ପନିପରିବା ମଧ୍ୟ ଚାଷୀଙ୍କ ରୋଜଗାରର ଆଶା ହୋଇଛି । ଭିତରକନିକା ସଂଲଗ୍ନ ୩ ବ୍ଲକ ଅଞ୍ଚଳରେ ଏହି ବନ୍ୟ ଜନ୍ତୁ ଏବେ ଚାଷୀଙ୍କ ପାଇଁ ବିପଦ ହୋଇଛି। ରାତିରେ ଏହି ବନ୍ୟଜନ୍ତୁ କ୍ଷେତରେ ପଶି ଫସଲ ଉଜାଡି ଦେଉଥିବାରୁ ରାତି ଅନିଦ୍ରା ହୋଇ ଜଗିବାକୁ ପଡୁଛି। ରାଜକନିକାର ରମାକାନ୍ତ ସାହାଣୀ କହିଛନ୍ତି, ବିଅଲି ଚାଷରେ ବର୍ଷକ ପାଇଁ ଖର୍ଚ୍ଚ ମିଳିଯାଏ। ଚଳିତ ବର୍ଷ ବ୍ୟାଙ୍କ ଓ ସୋସାଇଟି ମାଧ୍ୟମରେ ଋଣ କରି ଚାଷ କରିଛନ୍ତି। ପାଚିଲା ଧାନ ବାର୍‌ହାଙ୍କୁ ଆକୃଷ୍ଟ କରିଥିବା ବେଳେ ଅନ୍ୟ ବନ୍ୟଜନ୍ତୁ ପନିପରିବା ଫସଲକୁ ଉଜାଡି ଦେଉଛନ୍ତି। ଏବେ ସୁଦ୍ଧା ତାଙ୍କର ପ୍ରାୟ ୨ ଏକର ଜମିର ଧାନ ଫସଲ ନଷ୍ଟ କରିଛନ୍ତି । ବନ ବିଭାଗ ପକ୍ଷରୁ ବନାଞ୍ଚଳକୁ ତାରବାଡରେ ଘେରାଇ ରଖିବା ପାଇଁ ସେ ଦାବି କରିଛନ୍ତି। କୋହ୍ଲ ଗ୍ରାମର ମାଳତୀ ବିଶ୍ୱାଳ କହିଛନ୍ତି, ଫସଲ ପାଇଁ ଜୀବନ ଜୀବିକା ବାଜିରେ ଲାଗିଛି । ସ୍ଥାନୀୟ ଅଞ୍ଚଳରେ କୁମ୍ଭୀର ଭୟ ସର୍ବଦା ଲାଗି ରହିଛି । ରାତିରେ ବନ୍ୟଜନ୍ତୁ ପଶି ଆସୁଛନ୍ତି । କ୍ଷେତର ସୁରକ୍ଷା ପାଇଁ ମେଳି ହୋଇ ଗ୍ରାମବାସୀ ଜଗୁଛନ୍ତି । ସ୍ୱାମୀଙ୍କ ସହ ସେ ମଧ୍ୟ ହାରକିନ ଲାଇଟ୍ ନେଇ କ୍ଷେତ ଜଗିବାକୁ ଯାଉଥିବା ପ୍ରକାଶ କରିଛନ୍ତି ।

ମହାକାଳପଡ଼ା ରେଞ୍ଜ ଅଧିକାରୀ କାର୍ତ୍ତିକ ଖଣ୍ଡେଇ ଏସମ୍ପର୍କରେ କହିଛନ୍ତି, ନଭେମ୍ବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଜଙ୍ଗଲୀ ବାର୍‌ହାଙ୍କ ପ୍ରଜନନ ସମୟ। ଏହି ସମୟରେ ପ୍ରଚୁର ଖାଦ୍ୟର ଆବଶ୍ୟକତା ଅଛି । ଏଥିସହ ଏହି ସମୟରେ ସେମାନଙ୍କର ଆକ୍ରମଣ ପ୍ରବୃତ୍ତି ବୃଦ୍ଧି ପାଇଥାଏ । ଜଙ୍ଗଲ ଆଖାପାଖ ଅଞ୍ଚଳରେ ପାଚିଲା ଧାନ ସହଜଲବ୍ଧ ଖାଦ୍ୟ ହୋଇଥିବାରୁ କ୍ଷେତକୁ ଚାଲିଆସିଥାନ୍ତି। ବନ୍ୟଜନ୍ତୁ ଗ୍ରାମ ଓ କ୍ଷେତକୁ ପଶି ଆସୁଥିବା ଅଭିଯୋଗ ପୂର୍ବରୁ ବେଶି ଆସୁଥିଲା । ଏବେ କ୍ଷେତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ତାରବାଡ଼ ଲଗାଯାଇଛି । ସେହିପରି ବନ କର୍ମଚାରୀ ରାତ୍ରୀକାଳିନ ପାଟ୍ରୋଲିଂ କରୁଛନ୍ତି । ବନଜନ୍ତୁଙ୍କ ପାଇଁ ନଷ୍ଟ ହେଉଥିବା ଫସଲର କ୍ଷତିପୂରଣ ପାଇଁ ଅନୁକମ୍ପା ଆପ୍ ମାଧ୍ୟମରେ ଅଭିଯୋଗ ଚାଷୀ ଦାଖଲ କରିପାରିବେ। ୧୫ ଦିନ ମଧ୍ୟରେ ତଦନ୍ତ କରାଯାଇ ଏକର ପ୍ରତି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଉଛି ।

ସୂଚନାଯୋଗ୍ୟ, ବନ୍ୟଜନ୍ତୁଙ୍କ ଦ୍ୱାରା ନଷ୍ଟ ହେଉଥିବା କ୍ଷତିର ଭରଣା ପାଇଁ ପ୍ରିନସିପାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ(ପିସିସିଏଫ୍) ଓଡିଶା ଷ୍ଟେଟ ଚିଫ୍ ୱାଇଲଡ ଲାଇଫ ୱାଡେନଙ୍କ ସହ ଭୁବନେଶ୍ୱରସ୍ଥ ଓଡ଼ିଶା ସ୍ପେସ ଆପ୍ଲିକେଶନ ସେଣ୍ଟର ସହଯୋଗରେ ଏହି ଅନୁକମ୍ପା ଆପ୍ ପ୍ରସ୍ତୁତ ହୋଇଛି ।





ଚାଷ ଜମିରେ ବାର୍‌ହା । ଗ୍ରାମବାସୀ ଠେଙ୍ଗା,ବାଡ଼ି ଧରି ଫସଲ ସୁରକ୍ଷା କରୁଛନ୍ତି ।

# ଟ୍ରାଫିକ୍ ନବକଳେବରର ମନ୍ଥର ଗତି

ନୟାଗଡ଼ ଅଫିସ,୨।୧୧(ଲୋକନାଥ ମିଶ୍ର)



- ଗୋଲେଇ ଟ୍ରାଫିକରେ ଅଟକିଛି କାର୍ଯ୍ୟ
- ଜୁଲାଇରେ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟଧାର୍ଯ୍ୟ ଥିଲା
- ଅକ୍ଟୋବର ଶେଷ ପରେ ବି ଶେଷ ହେଉନି
- ଧୂଳି ଉଡୁଥିଲେ ମଧ୍ୟ ପାଣି ପକାଯାଉନି

ନୟାଗଡ ସହରର ଟ୍ରାଫିକ ବ୍ୟବସ୍ଥାକୁ ସଜାଡିବା ପାଇଁ ଉଦ୍ୟମ ହୋଇଥିଲା । ନୟାଗଡ ଟ୍ରାଫିକ ପୋଷ୍ଟର ନବକଳେବର ପାଇଁ ପୁରୁଣା ବସଷ୍ଟାଣ୍ଡରେ ଶିଳାନ୍ୟାସ ହେବାର ୭ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଛି । ହେଲେ ଗୋଲେଇ ଟ୍ରାଫିକରେ କାର୍ଯ୍ୟ ଅଟକି ରହିଛି । ଗୋଲେଇ ଟ୍ରାଫିକର କାମ ଗତ ଜୁଲାଇ ମାସରେ ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା । ଅକ୍ଟୋବର ଯାଇ ନଭେମ୍ବର ମାସର ୨ ଦିନ ଶେଷ ହୋଇଥିଲେ ମଧ ଟ୍ରାଫିକ କାର୍ଯ୍ୟ ଶେଷ ହୋଇ ପାରୁନି । କାମ ଅଧାପନ୍ତରିଆ ହୋଇ ପଡି ରହିଥିବାବେଳେ ରାସ୍ତାର ଧୂଳିକୁ ବନ୍ଦ କରିବାକୁ ପାଣି ମଧ ପକାଯାଉନି ।

ଗତ ଫେବୃୟାରୀ ୨ରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ୨କୋଟି ୧୫ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଟ୍ରାଫିକ ପୋଷ୍ଟ ସହ ରାସ୍ତାର ଶିଳାନ୍ୟାସ କରିଥିଲେ। ପ୍ରସ୍ତାବିତ ଟ୍ରାଫିକ ପୋଷ୍ଟଟି ଗୋଲେଇ ଛକ କରି ନିର୍ମାଣ କରାଯିବାର ରହିଛି । ଗୋଲେଇ ଟ୍ରାଫିକ ଛକର ଭିତର ପାର୍ଶ୍ୱ ୧୮ ମିଟର ଓ ଏହାର ଚାରିପାଖରେ ୩ ଲେନ ରାସ୍ତା ହେବ । ଏହି ୩ ଲେନ୍ ରାସ୍ତା ୧୦.୫ ମିଟରର ଚଉଡା କରାଯାଇ ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ରହିଛି। ଗୋଲେଇ ଟ୍ରାଫିକ ଛକଠାରୁ ଓଡ଼ଗାଁ, ଖୋର୍ଦ୍ଧା, ଦଶପଲ୍ଲା ଓ ଖଣ୍ଡପଡାକୁ ପଡିଥିବା ରାସ୍ତା ୧୪ ମିଟର ଓସାର ଭିତରେ ୪ ଲେନର କରାଯିବ । ପ୍ରସ୍ତାବିତ ଟ୍ରାଫିକର ଗୋଲେଇ ଛକଠାରୁ ଖୋର୍ଦ୍ଧା, ଦଶପଲ୍ଲା ଓ ଓଡଗାଁ ରାସ୍ତାରେ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରାଯିବ । ପୁଣି ଖଣ୍ଡପଡା ରୋଡରେ ୬୦ ମିଟର ରାସ୍ତା ଅନୁରୂପ ଭାବେ ପ୍ରଶସ୍ତୀକରଣ ହେବ । ଜୁଲାଇ ମାସରେ କାମ ଶେଷ ହେବାକୁ ସରକାର ଧାର୍ଯ୍ୟ କରିଥିବାବେଳେ ମେ ମାସ ଶେଷ ସୁଧା କାର୍ଯ୍ୟ ଶେଷ ହେବାର ଥିଲା । ତେବେ ମେ, ଜୁନ ଯାଇ ଜୁଲାଇ ଯାଇ ନଭେମ୍ବର ଆରମ୍ଭ ହୋଇଥିବାବେଳେ କାମ କଚ୍ଛପ ଗତିରେ ଚାଲିଛି । ଜାତୀୟ ରାଜପଥ ବିଭାଗ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ ଓ ପୌର ପରିଷଦ ସହଭାଗିତାରେ ପ୍ରକଳ୍ପର କାର୍ଯ୍ୟ ୨୦୨୩ ଜାନୁୟାରୀ ୨୧ରୁ ଆରମ୍ଭ ହୋଇଥିଲା । ହେଲେ ବିଭିନ୍ନ ବିଭାଗର ସମନ୍ୱୟ ଅଭାବ ଯୋଗୁ କାମ ବିଳମ୍ବ ହେଉଥିବା କୁହାଯାଉଛି।

ଏନେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ସହକାରୀ ଯନ୍ତ୍ରୀ ସୁଲତା ସ୍ୱାଇଁ କୁହନ୍ତି ଗୋଲେଇ ଟ୍ରାଫିକ ପାଇଁ ୨ କୋଟି ୧୫ ଲକ୍ଷ ଅର୍ଥ ମଞ୍ଜୁର ହୋଇଛି। ଆମେ କେବଳ ରାସ୍ତା କାର୍ଯ୍ୟ ପିତୁ କରିବୁ । ନଭେମ୍ବର ଭିତରେ ଆମେ କାମ ଶେଷ କରିବୁ। ନୟାଗଡ଼ ପୌରାଞ୍ଚଳର ପୂର୍ବତନ ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ କୁହନ୍ତି, ଗୋଲେଇ ଟ୍ରାଫିକ କାମ ଶୀଘ୍ର ଶେଷ କରିବା ଦରକାର । ଯାତ୍ରୀ ଓ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଟ୍ରାଫିକ ଛକ ନିକଟରେ ଧୂଳି ଉଡିବା ଯୋଗୁ ଯାତାୟତ କଷ୍ଟ ହେଉଛି । ଜିଲା ସର ମହକୁମାରେ କାମ ଜାଣିଶୁଣି କଚ୍ଛପ ଗତିରେ କରାଯାଉଥିଲେ ମଧ ପ୍ରଶାସନିକ ସ୍ତରରେ ଅଙ୍କୁଶ ଲଗା ଯାଉ ନ ଥିବାରୁ ସାଧାରଣ ଲୋକ ହଟହଟା ହେଉଛନ୍ତି । ଜିଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି ।

# ଚାଟ୍, ଗୁପ୍‌ଚୁପ୍‌ରୁ ପିଆଜ ଉଭାନ

ନୟାଗଡ଼,୨।୧୧(ଲୋକନାଥ ମିଶ୍ର)

ପିଆଜର ଦରବୃଦ୍ଧି କାରଣରୁ ହୋଟେଲ ଓ ଜଳଖିଆ ଦୋକାନର ଖାଦ୍ୟ ପଦାର୍ଥରୁ ପିଆଜ ଉଭାନ ହୋଇ ଯାଇଛି। ଏପରିକି ଚାଟ୍ ଓ ଗୁପଚୁପ ଦୋକାନୀ ଆଉ ପିଆଜ ଦେଉ ନାହାନ୍ତି। ସେହିପରି ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଦିଆ ଯାଉଥିବା ମଧ୍ୟାହ୍ନଭୋଜନରେ ମଧ ଆଉ ପିଆଜ ପଡୁନି। ଖାଉଟି ମଧ ଆଗଭଳି ଆଉ ପିଆଜ କିଣୁ ନାହାନ୍ତି । ନୟାଗଡ଼ରେ ପିଆଜ କିଲୋ ୬୦ ଓ ୭୦ ଟଙ୍କାରେ ବିକ୍ରି ହେଉଛି। ତେବେ ପିଆଜ ଦରବୃଦ୍ଧିର କାରଣ ଜଣାପଡିନି। ଜିଲା ପ୍ରଶାସନ ପକ୍ଷରୁ ଲଗାମ ନ ଥିବାରୁ ମନଇଚ୍ଛା ଦରରେ ପିଆଜ ବିକ୍ରି ଚାଲିଛି।

# ନୂଆଗାଁ ବ୍ଲକରେ ଭୀମ ଭୋଇ ସାମର୍ଥ୍ୟ ଶିବିର

ନୂଆଗାଁ,୨।୧୧(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ପରିସରରେ ଗୁରବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୩୧୪ ଜଣ ଭିନ୍ନକ୍ଷମ ବ୍ୟକ୍ତି ନିଜର ନାମ ପଞ୍ଜିକରଣ କରିଥିଲେ । ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ନିଜର ଅକ୍ଷମତାକୁ ଯାଞ୍ଚ କରାଇଥିଲେ । ୩୧୪ ଜଣଙ୍କ ମଧ୍ୟରୁ ସର୍ବାଧିକ ଅସ୍ଥିଶଲ୍ୟ ବିଭାଗରେ ୧୪୧ ଜଣ ରହିଥିବା ବେଳେ ଶ୍ରବଣ ବାଧିତ ୮୭ , ଚକ୍ଷୁ ବିଭାଗରେ ୪୩ ଓ ମାନସିକ ଅନଗ୍ରସର ୨୩ ଓ ଅନ୍ୟାନ୍ୟ ବିଭାଗରେ ୭ ଜଣଙ୍କୁ ପରୀକ୍ଷା କରାଯାଇଥିଲା । ବସରେ ଯାତାୟତ ବେଳେ ରିହାତି ପାଇଁ ୭ ଜଣ ଆବେଦନ କରିଥିବା ବେଳେ ହାତଗୋଡ କଟିଯାଇଥିବା ୬ ଜଣ ବ୍ୟକ୍ତି କୃତ୍ରିମ ହାତଗୋଡ ଲଗାଇବା ପାଇଁ ଆବେଦନ କରିଥିଲେ । ତେବେ ପ୍ରକୃତ ଭିନ୍ନକ୍ଷମ ବ୍ୟକ୍ତି କି ଭଳି ଚୟନ କରାଯିବ ସେ ନେଇ ବ୍ଲକ ପ୍ରଶାସନ ଓ ଡାକ୍ତରମାନଙ୍କ ଦ୍ୱାରା ଉଦ୍ୟମ କରାଯାଇଥିଲା ।



ଭିନ୍ନକ୍ଷମମାନଙ୍କୁ ଡାକ୍ତର ପରୀକ୍ଷା କରୁଛନ୍ତି ।

ଡାକ୍ତରଙ୍କ ନିକଟରେ ପରୀକ୍ଷା କରାଇବା ପାଇଁ ଲୋକମାନେ ସକାଳ ୮ରୁ ବ୍ଲକ ପରିସରକୁ ଆସି ନିଜର ନାମ ପଞ୍ଜିକରଣ କରାଇଥିଲେ। ଡାକ୍ତରମାନେ ଆସିବାରେ ବିଳମ୍ବ ହେବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଡାକ୍ତର ଦିନ ୧୧ଟାରୁ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ଶିବିରରେ ଅସ୍ଥିଶଲ୍ୟ ଚିକିତ୍ସକ ଡା.ବି.ଏସ୍ ରାଓ, ଡା. ଲୋଚନ କୁମାର, ଡା.ପୀତବାସ ନାୟକ, ଡା. ପ୍ରସନ୍ନ ପ୍ରସାଦ ସାହୁ , ଡା. ସବିତା ବରାଡ ଓ ଡା. ନିସ୍ତାରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ନୟାଗଡ଼ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର, ନୂଆଗାଁ ବିଡିଓ ବାସୁଦେବ ନାୟକ ଅତିରିକ୍ତ ବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ ଯୋଗ ଦେଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା ଓ ବ୍ଲକ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁ ଶିବିରକୁ ପରିଚାଳନା କରିଥିଲେ।

# ମୋ ଦଳର ମହାସଚିବଙ୍କ ଗିରଫଦାରିକୁ ବିରୋଧ



## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନୟାଗଡ଼,୨।୧୧(ଲୋକନାଥ ମିଶ୍ର)

ମୋ ଦଳର ମହା ସଚିବ ପ୍ରଦୀପ ପ୍ରଧାନଙ୍କ ବେଆଇନ ଗିରଫ ଦାରିକୁ ବିରୋଧ କରି ଗୁରୁବାର ନୟାଗଡ଼ ଜିଲାପାଳ ଅଫିସ ଭିତରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯାଇଥିଲା। ମୋ ଦଳର ଜିଲା ସଭାପତି ମହେଶ୍ୱର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଚାଷୀ ନେତା ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନ ସିଂ, ରଞ୍ଜିତ ଦଳବେହେରା, ରମେଶ ପଣ୍ଡା, ଦୁର୍ଯ୍ୟୋଧନ ପାଳ, ଜଳଧର ସାହୁ, ବିନାୟକ ମହାନ୍ତି, ଚନ୍ଦ୍ରମଣି ଜେନା ପ୍ରମୁଖ ଯୋଗ ଦେଇଥିଲେ। ପରେ ଉପ ଜିଲାପାଳ ଶକ୍ତିକାନ୍ତ ରାୟଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି।

# ପ୍ରିମିୟର ଲିଗ୍ କ୍ରିକେଟ: ଫିଫ୍‌ଟିନ ଫାଇଟର୍ସ ବିଜୟୀ

ଖଣ୍ଡପଡ଼ା,୨।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ୍ କମିଟି ପକ୍ଷରୁ ଆରମ୍ଭ ହୋଇଥିବା ୩ୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାରରେ ଫିଫ୍‌ଟିନ ଫାଇର୍ଟସ ୭ ଉଇକେଟରେ ଶତପଥୀ ଲାୟନ୍ସକୁ ହରାଇ ବିଜୟୀ ହୋଇଛି । ଟସ୍ ଜିଣି ଶତପଥୀ ଲାୟନ୍ସ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୮୪ ରନ ସଂଗ୍ରହ କରିଥିଲା। ଜବାବରେ ଫିଫ୍‌ଟିନ ଫାଇଟର୍ସ ୧୦.୩ ଓଭରରେ ୩ ଉଇକେଟ ହରାଇ ନିର୍ଦ୍ଧାରିତ ୮୫ ରନ ସଂଗ୍ରହ କରିଥିଲା । ଖେଳକୁ ଅଶୋକ ବାରିକ, ଶିବ ନାରାୟଣ ସାହୁ ଓ ନିପ୍ରସ ଚୌଧୁରୀ ପରିଚାଳନା କରିଥିଲେ ।

# ବର୍ଷା ଅଭାବ, କେନାଲରେ ପାଣି ନାହିଁ

ଖଣ୍ଡପଡ଼ା,୨।୧୧
(ଅଜୟ କୁମାର ମହାରଣା)

- ଉଠା ଜଳସେଚନ ପ୍ରକଳ୍ପ ଅଚଳ
- ଧାନ ଫସଲ କ୍ଷତିଗ୍ରସ୍ତ

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନଜମିରେ ପାଣିର ଅଭାବ ଦେଖା ଦେଇଛି । ଅନିୟମିତତା ବୃଷ୍ଟିପାତ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ଗତ ୨ ମାସ ଧରି ଆବଶ୍ୟକ ବର୍ଷା ହୋଇ ନ ଥିବା ବେଳେ କେନାଲ ଗୁଡିକ ଶୁଖିଲା ପଡିଛି । ଅପରପେକ୍ଷ ବିଭିନ୍ନ ସ୍ଥାନରେ ଥିବା ଉଠା ଜଳସେଚନ ପଏଣ୍ଟଗୁଡିକ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଚାଷ ଜମିରେ ଧାନ ଗଛଗୁଡିକ କେଣ୍ଡା ଧରିବା ବେଳକୁ ପାଣିର ଅଭାବ ପାଇଁ ସବୁ କିଛି ନଷ୍ଟ ହେବାକୁ ବସିଛି । ଖାଲୁଆ ଓ ଡିପ ଅଞ୍ଚଳରେ ଥିବା ଧାନ ଚାଷ ଜମି ବି ଶୁଖିଲା ପଡିଛି । ବିଭିନ୍ନ ସ୍ଥାନରେ ଅବସ୍ଥିତ ନଦୀ ନାଳ ଓ ଜଳଉତ୍ସ ଏବେ ଶୁଖିବାକୁ ଆରମ୍ଭ କଲାଣି । ସେହିପରି ଅଧିକାଂଶ ଚେକ୍‌ଡ୍ୟାମ ଶୁଖିଲା ପଡିଥିବା ବେଳେ ପାଣି ପାଇଁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଖଣ୍ଡପଡା ବ୍ଲକ ଅଧୀନ ଗୁଣ୍ଠୁଣି, ଶାଳଝରିଆ, ରାଣୀପଡା, ବେଣାଗାଡିଆ, ସିଂଘାପଡା, ବଡବାଣପୁର, ସିଧାମୂଳା, ବୋଦସା ଆଦି ପଞ୍ଚାୟତ ଗୁଡିକ କୃଷି ପ୍ରଧାନ ପଞ୍ଚାୟତ ରୁପେ ପରିଚିତ । ଉକ୍ତ ପଞ୍ଚାୟତର ଚାଷୀମାନେ ଆସନ୍ନ ମରୁଡି ପରିସ୍ଥିତିର ମୁକାବିଲା ନିମନ୍ତେ କିରୋସିନ ଓ ଡ଼ିଜେଲ ଚାଳିତ ପାଣି ପମ୍ପ ବ୍ୟବହାର କରି ନିକଟରେ ଥିବା ଜଳଉତ୍ସରୁ ଚାଷ ଜମିକୁ ପାଣି ମଡାଉଥିବା ପରିଲକ୍ଷିତ ହେଉଛି । ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷୀମାନେ ଏବେ ଜମିକୁ ପାଣି ମଡାଇବାରେ ଲାଗି ପଡିଛନ୍ତି । ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ କର୍ତ୍ତୃପକ୍ଷ ସୁନାମୁହିଁ, ମୋଡାନାଳ ଓ କୋସକା ଡ୍ୟାମରେ ସଂରକ୍ଷିତ ଥିବା ପାଣିକୁ କେନାଲ ଯୋଗେ ଚାଷ ଜମିଗୁଡିକୁ ଛାଡିବାକୁ ସାଧାରଣରେ ଦାବି ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତାପସ



@ ପ୍ରଭଞ୍ଜନ



@ ସୂର୍ଯ୍ୟକାନ୍ତ



@ ପବିତ୍ର



@ ସୂର୍ଯ୍ୟସ୍ନାତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରୂପାନ୍ତରଣ ପରେ ବି ସୁଧୁରୁନି ଖେଳପଡ଼ିଆ ଅବସ୍ଥା

ଖଣ୍ଡପଡ଼ା,୨।୧୧
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟଟି ୫-ଟି ରୁପାନ୍ତରଣ କାର୍ଯ୍ୟ ପରେ ବି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ୧୪ ଏକର ପରିମିତ ଜାଗା ଥିବା ବିଦ୍ୟାଳୟ ଶ୍ରେଣୀଗୃହର ଅଭାବ ଯୋଗୁ ପିଲାମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟ ପରିସରରେ ଅବସ୍ଥିତ ପୁରାତନ ବିପଦଶଙ୍କୁଳ ଶ୍ରେଣୀଗୃହକୁ ନାମକୁ ମାତ୍ର ମରାମତି କରାଯାଇ ରଙ୍ଗ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ରୁପାନ୍ତରଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ବିଦ୍ୟାଳୟର ଖେଳପଡିଆଟି ଏବେ ବି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ପଡ଼ିଆର ଗୋଟିଏ ପାର୍ଶ୍ୱରେ ଏକ ବିରାଟ ବଡ଼ ପଥରଖଣ୍ଡ ରହିଥିବା ବେଳେ ଖେଳ ପଡିଆର ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇ ରହିଛି। ଖଣ୍ଡପଡ଼ା ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ବିଦ୍ୟାଳୟର ରୁପାନ୍ତରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଏ ବାବଦ ଅନୁଦାନ ଅର୍ଥ ଠିକ ଭାବେ ବିନିଯୋଗ ହୋଇ ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ଏବେ ଉକ୍ତ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାଦାନ ନିମନ୍ତେ ଅଧିକ ଶ୍ରେଣୀ ଗୃହର ଆବଶ୍ୟକତା ଥିବାରୁ ଏ ନେଇ ଚିନ୍ତାରେ ପଡିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ । ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ୧୯୭୪ରେ ଗଢି ଉଠିଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନଟି ପ୍ରତି ପ୍ରଶାସନ ଓ ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ସୂଚନା ଫଳକରେ ଅଟକିଛି ମନ୍ଦିର ଉନ୍ନତୀକରଣ

ଖଣ୍ଡପଡ଼ା,୨।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୮ନଂ. ୱାର୍ଡ ଅଧୀନ କୁମ୍ଭାରସାହି ନିକଟରେ ଥିବା ଶ୍ରୀ ବାଲୁଙ୍କେଶ୍ୱର ଦେବ ପ୍ରାଚୀନ ଶୈବ ପୀଠର ଉନ୍ନତିକରଣ କାର୍ଯ୍ୟ କେବଳ ଶିଳାନ୍ୟାସ ଫଳକରେ ସୀମିତ ରହିଛି। ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଉକ୍ତ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର କରିବା ପରେ ଗତ ଅଗଷ୍ଟ ୩୧ରେ ଖଣ୍ଡପଡା ଏନଏସି ଅଧ୍ୟକ୍ଷାଙ୍କ ଦ୍ୱାରା ବହୁ ଆଡମ୍ବରରେ ମନ୍ଦିର ସମ୍ମୁଖରେ ଭିତ୍ତିପ୍ରସ୍ତର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି କରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଏନଏସି ଅଧ୍ୟକ୍ଷା ଓ ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ । ଇତି ମଧ୍ୟରେ ୨ ମାସ ବିତିଥିଲେ ହେଁ ମନ୍ଦିର ଉନ୍ନତିକରଣ କାର୍ଯ୍ୟରେ ବିଳମ୍ବ ଘଟିଛି । ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଜଣାପଡିଛି।



ବାଲୁଙ୍କେଶ୍ୱର ମନ୍ଦିର ସମ୍ମୁଖଭାଗ ।

ସୂଚନାଯୋଗ୍ୟ ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରଟି ରହିଛି । ମନ୍ଦିରର ବାହ୍ୟ ପ୍ରାଚୀର ଭାଙ୍ଗି ମାଟିରେ ମିଶି ଯାଇଛି । ଫଳରେ ଗାଈ ଗୋରୁ ଅବାଧରେ ମନ୍ଦିର ପରିସରରେ ପ୍ରବେଶ କରୁଛନ୍ତି । ଅନାବନା ଗଛଲତାରେ ମନ୍ଦିର ଚତୁଃପାର୍ଶ୍ୱ ଭରି ରହିଛି । ବିଷଧର ସରିସୃପ ମନ୍ଦିର ପରିସରରେ ବୁଲୁଛନ୍ତି ବୋଲି ମନ୍ଦିରର ପୂଜକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି । ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ପ୍ରାଚୀନ ଶୈବ ପୀଠ ଗତି କରୁଥିବାରୁ ଭକ୍ତମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିରର ଏକ ଟ୍ରଷ୍ଟ ବୋର୍ଡ ରହିଛି। ମାତ୍ର ଟ୍ରଷ୍ଟ ବୋର୍ଡଟି ସମ୍ପୂର୍ଣ୍ଣ ରୂପେ ସ୍ଥାଣୁ ପାଲଟିଛି। ପ୍ରଭୁ ବାଲୁଙ୍କେଶ୍ୱର ଏକର ଏକର ଜମିବାଡ଼ି, ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ ହୋଇଥିବା ବେଳେ ପରିଚାଳନା ଗତ ତ୍ରୁଟି ଯୋଗୁ ମନ୍ଦିରର ବିଭିନ୍ନ ସମସ୍ୟା ସମାଧାନ ହୋଇ ପାରୁ ନ ଥିବାରୁ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ମନ୍ଦିରର ଉନ୍ନତିକରଣ ନିମନ୍ତେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

